


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






# ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ମାତ୍ ଦେବାକୁ ଭାରତର ବଡ଼ ରଣନୀତି :

## ଆଗାମୀ ୩ ମାସରେ ୫ ବଡ଼ ଦେଶ ସହ ହେବ ସ୍ୱତନ୍ତ୍ର ଡିଲ୍



ନୂଆଦିଲ୍ଲୀ,୧୭।୮ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଟାରିଫ୍ ନୀତିକୁ ନେଇ ଚିନ୍ତାରେ ସାରା ବିଶ୍ୱ । ଭାରତ ଏହାର କଡ଼ା ମୁକାବିଲା ପାଇଁ ଏକ ଜୋରଦାର ଯୋଜନା ପ୍ରସ୍ତୁତ କରିଛି । କେବଳ ଟାରିଫ୍ ଚାପର ଜବାବ ଦେବା ବଦଳରେ ଭାରତ ବୈଦେଶିକ ପୁଞ୍ଜିନିବେଶକୁ ଆକର୍ଷିତ କରିବା ପାଇଁ ଏକ ବୃହତ୍ ରଣନୀତି ଆପଣେଇଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଗାମୀ ୨ ରୁ ୩ ମାସ ଭିତରେ ଭାରତ ୟୁରୋପୀୟ ୟୁନିୟନ, ସ୍ୱିଜରଲ୍ୟାଣ୍ଡ, ସାଉଦି ଆରବ, ଓମାନ ଏବଂ ମାଳଦ୍ୱୀପ ସହିତ ନୂତନ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦେବାକୁ ଯାଉଛି । ଏହି ଚୁକ୍ତିଗୁଡ଼ିକର ମୁଖ୍ୟ ଲକ୍ଷ୍ୟ କେବଳ ବିଦେଶୀ କମ୍ପାନୀଗୁଡ଼ିକୁ ଭାରତରେ ଅର୍ଥ ବିନିଯୋଗ ପାଇଁ ସୁରକ୍ଷା ଯୋଗାଣ ନୁହେଁ, ବରଂ ଭାରତକୁ ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ପାଇଁ ଏକ ଅଧିକ ଆକର୍ଷକ ଗନ୍ତବ୍ୟସ୍ଥଳ ଭାବରେ ପରିଣତ କରିବା । ସରକାର ପୁରୁଣା ଏବଂ କଠିନ ନିବେଶ ଚୁକ୍ତି ମଡେଲରେ ବଡ଼ଧରଣର ପରିବର୍ତ୍ତନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଭାରତ ବର୍ତ୍ତମାନ ପୁଞ୍ଜିନିବେଶ ଚୁକ୍ତିରେ ସବୁ ଦେଶ ପାଇଁ ଗୋଟିଏ ନିୟମ ରଖିବା ବଦଳରେ ଅଧିକ ନମନୀୟ ପନ୍ଥା ଆପଣାଇବାକୁ ଚାହୁଁଛି । ଅର୍ଥାତ୍, କୌଣସି ଦେଶ ସହିତ ତାର ଷ୍ଟ୍ରାଟେଜିକ୍ ଇମ୍ପୋର୍ଟାନ୍ସ, ବାଣିଜ୍ୟିକ ସମ୍ପର୍କ ଏବଂ ପାର୍ଶ୍ୱବର୍ତ୍ତୀ ବ୍ୟବସାୟିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଏହି ନୂତନ ମଡେଲକୁ କ୍ୟାବିନେଟ୍ ସମ୍ମୁଖରେ ଉପସ୍ଥାପନ କରାଯିବାକୁ ପ୍ରସ୍ତୁତି ଚାଲିଛି, ଯାହାକୁ 'ବିଆଇଟି ୪.୦' ଭାବରେ ଦେଖାଯାଉଛି । ଏହାର ସବୁଠାରୁ ବଡ଼ ପରିବର୍ତ୍ତନ ବିଦେଶୀ ନିବେଶକଙ୍କ ପାଇଁ ବିବାଦ ସମାଧାନ ପ୍ରକ୍ରିୟା ସହିତ ଜଡ଼ିତ । ବର୍ତ୍ତମାନର ଢାଚାରେ, ଜଣେ ବିଦେଶୀ ନିବେଶକଙ୍କୁ ଅନ୍ତର୍ଜାତୀୟ ଆର୍ବିଟ୍ରେସନର ମାର୍ଗ ଆପଣାଇବା ପୂର୍ବରୁ ଦୀର୍ଘ ସମୟ ଧରି ଦେଶର ଘରୋଇ ଆଇନଗତ ବ୍ୟବସ୍ଥାର ସାମ୍ନା କରିବାକୁ ପଡ଼ିଥାଏ ।°ଏବେ ଏହି ସମୟସୀମାକୁ ହ୍ରାସ କରି ପ୍ରାୟ ୨ ବର୍ଷକୁ ଆଣିବା ପାଇଁ ପ୍ରସ୍ତାବ ଦିଆଯାଇଛି । ତେବେ ପ୍ରତ୍ୟେକ ଦେଶ ସହିତ ଆଲୋଚନା ଆଧାରରେ ଚୂଡ଼ାନ୍ତ ସମୟସୀମା ସ୍ଥିର କରାଯିବ । ସଦ୍ୟ ପ୍ରକାଶିତ ଭାରତ-ୟୁଏଇ ଏବଂ ଭାରତ-ଇସ୍ରାଏଲ୍ ନିବେଶ ଚୁକ୍ତିରେ ଏହି ସମୟ ସୀମାକୁ ୫ ବର୍ଷରୁ କମାଇ ୩ ବର୍ଷ କରାଯାଇଛି । ବର୍ତ୍ତମାନ ସମୟରେ କେବଳ ଆମେରିକା ସହିତ ବାଣିଜ୍ୟ ବୃଦ୍ଧି କରିବା ଭାରତର ଏକମାତ୍ର ଲକ୍ଷ୍ୟ ନୁହେଁ । ବିଶ୍ୱର ବଡ଼ ବଡ଼ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ ସେମାନଙ୍କର ପୁଞ୍ଜିନିବେଶ ଏବଂ ସପ୍ଲାଏ ଚେନ୍‌କୁ ଗୋଟିଏ ସ୍ଥାନରେ ସୀମିତ ନ ରଖି ବିଭିନ୍ନ ଦେଶକୁ ସମ୍ପ୍ରସାରଣ କରିବାକୁ ଚାହୁଁଛନ୍ତି । ଏଭଳି ପରିସ୍ଥିତିରେ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଆକର୍ଷିତ କରିବା ପାଇଁ ଭାରତ ପାଖରେ ଏକ ସୁବର୍ଣ୍ଣ ସୁଯୋଗ ରହିଛି । ଆମେରିକାରେ ଟ୍ରମ୍ପ ପ୍ରଶାସନର କ୍ରମାଗତ ପରିବର୍ତ୍ତନଶୀଳ ଟାରିଫ୍ ନୀତି ବ୍ୟବସାୟୀଙ୍କ ପାଇଁ ଖର୍ଚ୍ଚ ଏବଂ ଭବିଷ୍ୟତ ଯୋଜନାକୁ ଅଧିକ ଜଟିଳ କରିପକାଇଛି । ଏପରି ଏକ ଅନିଶ୍ଚିତ ବାତାବରଣରେ ଭାରତର ବାର୍ତ୍ତା ଅତି ସ୍ପଷ୍ଟ ଯଦି ବିଶ୍ୱର କମ୍ପାନୀଗୁଡ଼ିକ ସେମାନଙ୍କର ନିବେଶ ଏବଂ ଉତ୍ପାଦନକୁ ବିଭିନ୍ନ ଦେଶରେ ବିସ୍ତାର କରିବାକୁ ଚାହାଁନ୍ତି, ତେବେ ଭାରତ ସେମାନଙ୍କୁ ଦୀର୍ଘସ୍ଥାୟୀ ସୁରକ୍ଷା ଏବଂ ଏକ ବିଶାଳ ବଜାର ଯୋଗାଣ କରିପାରିବ । ଏହି କାରଣରୁ ସରକାର ବର୍ତ୍ତମାନ ନିବେଶ ଚୁକ୍ତିଗୁଡ଼ିକୁ ଅଧିକ ବ୍ୟବହାରିକ ଏବଂ ସୁବିଧାଜନକ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

## ରାକ୍ଷୀରେ ମିଳିବ ସୁଭଦ୍ରା ୫ କିସ୍ତି

ଭୁବନେଶ୍ୱର,୧୭/୮(ନି/ପ୍ର): ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା। ୨୮ ତାରିଖ ସୁଦ୍ଧା ଯେଉଁମାନେ ଆବେଦନ କରିଥିବେ ସମସ୍ତଙ୍କୁ ମିଳିବ ସୁଭଦ୍ରା ଟଙ୍କା ଏନେଇ ସୋମବାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘୋଷଣା କରିଛନ୍ତି। କୋଟିଏରୁ ଅଧିକ ମହିଳାଙ୍କୁ ମିଳିବ ସୁଭଦ୍ରା ଯୋଜନା ଟଙ୍କା। ରାକ୍ଷୀରେ ନୟାଗଡ଼ରେ ଟଙ୍କା ମିଳିବା ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଏକ କୋଟିରୁ ଅଧିକ ମହିଳା ପଚଂମ କିସ୍ତି ପାଇବେ। ଅଗଷ୍ଟ ୨୮ ରକ୍ଷା ବନ୍ଧନ ଦିନ ମିଳିବ ସୁଭଦ୍ରାର ପଚଂମ କିସ୍ତି।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


## ଶ୍ରାବଣ ସୋମବାରରେ ମନ୍ଦିରରେ ଦଳାଚକଟା

**୭ ଶ୍ରଦ୍ଧାଳୁଙ୍କ ମୃତ୍ୟୁ**



ନୂଆଦିଲ୍ଲୀ,୧୭/୮ : ଲଖୀସରାୟ ଅଶୋକଧାମ ମନ୍ଦିରରେ ଅଘଟଣ । ଶ୍ରାବଣ ସୋମବାରରେ ଜଳାଭିଷେକ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ଦଳାଚକଟା । ଏହି ଦୁଃଖଦ ଘଟଣାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଶ୍ରାବଣ ମାସର ତୃତୀୟ ସୋମବାର ଥିବାରୁ ଅଶୋକଧାମ ମନ୍ଦିରରେ ଭୋରରୁ ହିଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ଦୂରଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଜଳାଭିଷେକ ପାଇଁ ମନ୍ଦିରରେ ପହଚିଂ ଥିଲେ । ଭକ୍ତମାନେ ଲମ୍ବା ଧାଡ଼ିରେ ଠିଆ ହୋଇଥିବା ସମୟରେ ହଠାତ୍ ଏକ ବିଦ୍ୟୁତ୍ ତାର ଖସି ପଡ଼ିଥିଲା । ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଆତଙ୍କିତ ଲୋକେ ଏପଟ ସେପଟ ଦୌଡ଼ିବାରୁ ସୃଷ୍ଟି ହୋଇଥିଲା ଦଳାଚକଟା ପରିସ୍ଥିତି । ଭିଡ଼ର ଚାପରେ ଅନେକ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ । ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଆହତ ୧୨ରୁ ଅଧିକ ଲୋକଙ୍କୁ ତୁରନ୍ତ ଲଖୀସରାୟ ସଦର ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି । କିଛି ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଘଟଣାଟି ସକାଳ ପ୍ରାୟ ୬ଟା ୪୦ରୁ ୬ଟା ୪୫ ମଧ୍ୟରେ ଘଟିଥିଲା । ଭିଡ଼ ବଢ଼ିବାରୁ ମନ୍ଦିର ପାର୍ଶ୍ୱରେ ଥିବା ବ୍ୟାରିକେଡ୍ ଭାଙ୍ଗିଯାଇଥିଲା । ଫଳରେ ଭକ୍ତମାନେ ପରସ୍ପର ଉପରେ ପଡ଼ିଯାଇଥିଲେ। ଦୁଇଟି ଟ୍ରେନ୍ ଅଟକିବା ପରେ ମଧ୍ୟ ମନ୍ଦିର ଅଭିମୁଖେ ଭକ୍ତଙ୍କ ଭିଡ଼ ବଢ଼ିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ଘଟଣାର ଖବର ପାଇ ପୁଲିସ, ପ୍ରଶାସନିକ ଅଧିକାରୀ ଓ ମେଡିକାଲ ଟିମ୍ ଘଟଣାସ୍ଥଳରେ ପହଚିଂ ଥିଲେ । ଆହତଙ୍କୁଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଯିବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରିରହିଛି । ଶ୍ରାବଣ ସୋମବାର ଭଳି ବଡ଼ ଧାର୍ମିକ ଅବସରରେ ଏଭଳି ଅଘଟଣ ଅନେକ ପ୍ରଶ୍ନ ଉଠାଇଛି ।

## ନୀତିନ ନବୀନଙ୍କ ନୂଆ ଟିମ୍

ନୂଆଦିଲ୍ଲୀ,୧୭।୮ : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ତାଙ୍କର ନୂଆ କେନ୍ଦ୍ରୀୟ ସାଙ୍ଗଠନିକ ଟିମ୍ (କାର୍ଯ୍ୟକାରିଣୀ) ଘୋଷଣା କରିଛନ୍ତି। ଏହି ନୂଆ ଟିମରେ ଅନେକ ଅଭିଜ୍ଞ ନେତାଙ୍କୁ ସ୍ଥାନ ମିଳିଥିବା ବେଳେ ମହିଳା ଓ ଯୁବ ଚେହେରାଙ୍କୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶା ରାଜନୀତି ଦୃଷ୍ଟିକୋଣରୁ ମଧ୍ୟ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ନୀତିନ ନବୀନଙ୍କ ନୂଆ ଟିମରେ ଓଡ଼ିଶାର ବରିଷ୍ଠ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଜାତୀୟ ଉପସଭାପତି ପଦ ପ୍ରଦାନ କରାଯାଇଛି। ସେଭଳି ସମ୍ବିତ ପାତ୍ରଙ୍କୁ ଉତ୍ତର ପୂର୍ବ ସଂଯୋଜକ ଦାୟିତ୍ୱ ମିଳିଛି। ଅନ୍ୟପକ୍ଷେ ବହୁ ବଡ଼ ନେତାଙ୍କୁ ବି ମିଳିଛି ବଡ଼ ଦାୟିତ୍ୱ। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ଜାତୀୟ ଉପସଭାପତି ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ, ରାମ ମାଧବ ବିଜେପିକୁ ଫେରିଛନ୍ତି ଏବଂ ତାଙ୍କୁ ଉପ-ସଭାପତି ନିଯୁକ୍ତ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ମଧ୍ୟ ବିଜେପି ସଂଗଠନରେ ଯୋଗ ଦେଇଛନ୍ତି। ତାଙ୍କୁ ଜାତୀୟ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂହ ରାୱତଙ୍କୁ ମଧ୍ୟ ବିଜେପି ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ଦଳରେ ୧୩ ଜଣ ଜାତୀୟ ଉପସଭାପତି ନାଁ ଘୋଷଣା କରାଯାଇଛି। ତାଙ୍କ ମଧ୍ୟରୁ ଛଅ ଜଣ ମହିଳା ରହିଛନ୍ତି,ଯାହାକି ଦଳର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ମହିଳାଙ୍କ ଉପସ୍ଥିତିର ସଙ୍କେତ ଦିଏ। ଏହା ବ୍ୟତୀତ,ଚାରି ଜଣ ମହିଳା ସଚିବ ଏବଂ ଜଣେ ମହିଳା ସାଧାରଣ ସମ୍ପାଦକ ଅଛନ୍ତି,ଏବଂ ମୁସଲିମ ସମ୍ପ୍ରଦାୟର ଦୁଇଜଣ ଅଛନ୍ତି। ନୀତିନ ନବୀନଙ୍କୁ ତାଙ୍କର ନୂତନ ଦଳ ଗଠନ କରିବାରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହଙ୍କଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ମିଳିଛି। ଜାତୀୟ ଉପସଭାପତିଙ୍କ ମଧ୍ୟରେ ରାଜସ୍ଥାନର ବସୁନ୍ଧରା ରାଜେ, ଉତରପ୍ରଦେଶର ତିରଥ ସିଂ ରାୱତ,ଆନ୍ଧ୍ରପ୍ରଦେଶର ରାମ ମାଧବ, ଓଡିଶାରୁ ବୈଜୟନ୍ତ ପଣ୍ଡା,ଆନ୍ଧ୍ର ପ୍ରଦେଶରୁ ଡି.ପୁରନ୍ଦେଶ୍ୱରୀ,ଉତର ପ୍ରଦେଶର ରେଖା ବର୍ମା ରହିଛନ୍ତି ।

## ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ୩ ବିଜେଡ଼ି ନେତା ନିଯୁକ୍ତ

### ବନ୍ୟାଚଂଳ ବୁଲି ପ୍ରଭାବିତଙ୍କ ସହ କରିବେ ଆଲୋଚନା



ଭୁବନେଶ୍ୱର,୧୭/୮(ନି/ପ୍ର): ବନ୍ୟା ପ୍ରଭାବିତ ଜିଲ୍ଲା ପାଇଁ ବିଜେଡ ୩ ନେତା ନିଯୁକ୍ତ। ବନ୍ୟାଚଂଳ ପରିଦର୍ଶନ କରି ପ୍ରଭାବିତଙ୍କ ସହ ଆଲୋଚନା କରିବେ ବିଜେଡିର ବରିଷ୍ଠ ନେତା। ଯାଜପୁର ଜିଲ୍ଲା ପାଇଁ ପ୍ରଦୀପ ଅମାତ, ଭଦ୍ରକ ପାଇଁ ଅରୁଣ ସାହୁ ଓ ବାଲେଶ୍ୱର ଜିଲ୍ଲା ପାଇଁ ସଞ୍ଜୟ ଦାସବର୍ମାଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ବନ୍ୟାଚଂଳ ବୁଲିବେ। ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ କରିବେ ବୋଲି ସୂଚନା ମିଳିଛି। ଡବଲ୍ ବନ୍ୟାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲା ଉବୁଟୁବୁ ହେଉଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଭଦ୍ରକ ଜିଲ୍ଲାରେ ବନ୍ୟା ସ୍ଥିତି ଘନଉଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି, ସ୍କୁଲ ଛୁଟି ଘୋଷଣା କରି ଦିଆଯାଇଛି । ଏହା ଛଡା ପ୍ରଶାସନ ସମୁଦ୍ରକୁ ମାଛ ମାରିବା ଉପରେ କଟକଣା ଲଗାଇଛି । ଯେଉଁମାନେ ସମୁଦ୍ରରେ ଅଛନ୍ତି, ସେମାନଙ୍କୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈତରଣୀ ନଦୀ ଆଖୁଆପଦା ଠାରେ ବିପଦ ସଙ୍କେତ ପାଖରେ ପ୍ରବାହିତ ହେଉଛି। ସେହିପରି ସାଳନ୍ଦୀ ନଦୀ ରାଜଘାଟ ଠାରେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବନ୍ୟା ପାଇଁ ୧ ଲକ୍ଷ ୭ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅନେକ ସ୍ଥାନରେ ରାସ୍ତା ଧୋଇଯାଇଛି । ଧୁଷୁରୀରୁ ଯାଜପୁର ଯାଉଥିବା ରାସ୍ତାର ହସନାବାଦଠାରେ ରାସ୍ତା ଧୋଇଯିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେପଟେ ବନ୍ୟା ବିପନ୍ନ ହିନସ୍ତା ହେଉଛନ୍ତି। କୋଚିଲା ଓ ବୈତରଣୀ ନଦୀର ବନ୍ୟା ପାଣି ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇଛି। ସେହିପରି ଯାଜପୁର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ଛୁଟି ଘୋଷଣା ହୋଇଛି। ବନ୍ୟା ପାଇଁ ଯାଜପୁର ଦାୟିତ୍ୱରେରେ ଥିବା ଓଇଈ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ଦଶରଥପୁର ବନ୍ୟା ଅଚଂଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ପୁଣି ବୈତରଣୀ, କାଣୀ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଯାଜପୁର ଜିଲ୍ଲାର ୮ଟି ବ୍ଲକର ୨୪୨ଟି ଗାଁ ବନ୍ୟା ପ୍ରଭାବିତ ହୋଇଛି। ଜଳବନ୍ଦୀ ଅଚଂଳରେ ବୋଟ୍ ଯୋଗେ ଘର ଘର ବୁଲି ରନ୍ଧା ଖାଦ୍ୟ, ପାନୀୟ ଜଳ, ରିଲିଫ୍ ସାମଗ୍ରୀ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ଜିଲ୍ଲାପାଳ କହିଛନ୍ତି। ସେପଟେ ଜଳେଶ୍ୱରରେ ପୁଣି ବିପଦ ସଂକେତ ଟପିଲା ଜଳକା । ବସ୍ତାର ମଥାନି ଠାରେ ବିପଦ ସଂକେତ ୬.୫୦ମିଟର ଥିଲା ବେଳେ ଏହା ବଢ଼ି ୬.୫୨ ମିଟର ଉପରେ ପ୍ରବାହିତ ହେଉଛି ପାଣି। ଉପର ମୁଣ୍ଡ ମୟୁରଭଞ୍ଜରେ ଲଗାଣ ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଜଳକାରେ ଦୁଇ ଦୁଇ ଥର ବନ୍ୟା ଆସି ଚାଷବାସ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା ବେଳେ ଏବେ ପୁଣି ବନ୍ୟା ଡରାଉଛି। ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ଏବେ ପୁଣି ଥରେ ବନ୍ୟା ଛାନିଆ କରିଛି।

## ଯାଜପୁରରେ ପ୍ରକୃତିର ତାଣ୍ଡବ ; ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ



ଯାଜପୁର,୧୭/୮(ନି/ପ୍ର): ଯାଜପୁର ଧର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋମବାର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯାଜପୁରରେ ପ୍ରକୃତିର ତାଣ୍ଡବ ସହ ବନ୍ୟାର ବିତ୍ପାତ ଦେଖାଯାଇଛି। ଜଳବନ୍ଦୀରେ ଅନେକ ଗାଁ। ଦଶରଥପୁରରେ ପହଚିଂ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ବୈତରଣୀ ଓ ବ୍ରାହ୍ମଣୀର ବନ୍ୟାରେ ଯାଜପୁର ଚାଷ ଜମିରେ ପାଣି ପଶିଛି। ଏବେ ମଧ୍ୟ ବିପଦ ସଙ୍କେତ ଉପରେ ବୈତରଣୀ ରହିଥିବାରୁ ତଳିଆ ଅଚଂଳରେ ଚିନ୍ତା ବଢିବା ସହ ଭୟଭୀତ ଅବସ୍ଥାରେ ରହିଛନ୍ତି। ଜେନାପୁରରେ ବ୍ରାହ୍ମଣୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିବା ବେଳେ ନଦୀ ଓ ଶାଖା ନଦୀର ପ୍ରଭାବରେ ବରୀ, ଯାଜପୁର ଓ ଦଶରଥପୁର ସମେତ ତଳିଆ ଅଚଂଳ ଅଧିକ ପ୍ରବାହିତ ହେଉଛି। ୮ଟି ବ୍ଲକର ୨୪୨ଟି ଗାଁ ବନ୍ୟା ଘେରରେ ରହିଛି। ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇ ସାରିଛି। ପ୍ରଶାସନ ପକ୍ଷରୁ ଉଦ୍ଧାର, ଥଇଥାନ, ରନ୍ଧାଖାଦ୍ୟ ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଅନ୍ୟ ପଟେ ଆଜି ପାଇଁ ମୟୁରଭଞ୍ଜ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲାକୁ ପ୍ରବଳ ବର୍ଷା ପାଇଁ ରେଡ୍ ୱାର୍ଣ୍ଣି ଜାରି ହୋଇଛି।

## ମଚଂରେ ବିଜେଡି ବିଧାୟକଙ୍କୁ ତାଗିଦ

### ବ୍ରଜ ପ୍ରଧାନଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର



ତାଳଚେର,୧୭/୮(ନି/ପ୍ର): ତାଳଚେରରେ ଏକ କାର୍ଯ୍ୟକ୍ରମରେ ବିଜେଡି ବିଧାୟକ ବ୍ରଜ ପ୍ରଧାନଙ୍କୁ ତାଗିଦ କଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅମର୍ଯାଦା ପୂର୍ଣ୍ଣ ସମ୍ବୋଧନକୁ ନେଇ ବ୍ରଜ ପ୍ରଧାନଙ୍କୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମଚଂରେ କଲେ ଟାର୍ଗେଟ । ଏଭଳି ଆଚରଣରୁ ନିବୃତ ରହିବା ପାଇଁ କହିଛନ୍ତି । ଅନୁଗୋଳ କଦମ ପଡିଆଠାରେ ଫ୍ଲଡ ଲାଇଟ୍ ଓ ନୂତନ ପ୍ଲେୟାର୍ ପ୍ୟାଭିଲିୟନ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି, ଅନୁଗୋଳ ଜିଲ୍ଲା ବାର୍ଷିକ ୧୦୦ ନିୟୁତ ଟନରୁ ଅଧିକ କୋଇଲା ଉତ୍ପାଦନ ସହ ୧୦ ହଜାର ମେଗାୱାଟ୍ ବିଜୁଳି ଓ ୨୦ ନିୟୁତ ଟନ ଲୁହା ଉତ୍ପାଦନ କରି ଦେଶର ଶିଳ୍ପ ଓ ଉର୍ଜା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଡିଏମଏଫ ପାଣ୍ଠି ସହାୟତାରେ ଅନୁଗୋଳର ବିକାଶ କାମ ତ୍ୱରାନ୍ୱିତ ହେଉଛି ।

## ପ୍ରବଳ ବର୍ଷାରେ ଭାଙ୍ଗିଲା ପୋଲ, ଠପ୍ ହେଲା ଯାତାୟାତ

କେନ୍ଦୁଝର,୧୭/୮(ନି/ପ୍ର): ଲଗାଣ ବର୍ଷାରେ ବେହାଲ ହୋଇଛି କେନ୍ଦୁଝର ଚମ୍ପୁଆ ଅଚଂଳ । ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ବଢ଼ିଥିବା ବେଳେ ଏବେ ଅନେକ ଅଚଂଳରେ ଜଳ ନିଷ୍କାସନ ସମସ୍ୟା ଦେଖାଦେଇଛି। ଚମ୍ପୁଆ ବ୍ଲକ ପଡୁଆ ପଚାଂୟତ ଅନ୍ତର୍ଗତ ମଙ୍ଗଳପୁର ନିକଟରେ ବାଗଡେଗା ନାଳ ପୋଲ ଭାଙ୍ଗିଯିବାରୁ ସ୍ଥିତି ଆହୁରି ଗମ୍ଭୀର ହୋଇଛି । ପୋଲ ଭାଙ୍ଗିବା ପରେ ଏହା ଉପରେ ପ୍ରାୟ ଦୁଇ ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ପଡୁଆ ଓ ଭଣ୍ଡା ପଚାଂୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲ ଉପରେ ପାଣି ଚାଲୁଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହା ଯୋଗୁଁ ସ୍ଥାନୀୟ ଲୋକେ ଯାତାୟାତକୁ ନେଇ ସମସ୍ୟାରେ ପଡ଼ିଛନ୍ତି। ଗତରାତିରେ ଚମ୍ପୁଆରେ ପ୍ରବଳ ବର୍ଷା ହୋଇଥିଲା। ଆଜି ସକାଳ ୭ଟା ସୁଦ୍ଧା ଚମ୍ପୁଆରେ ୧୨୧ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଲଗାଣ ବର୍ଷା ଓ ନଦୀର ବଢୁଥିବା ଜଳସ୍ତର ମଧ୍ୟରେ ପୋଲ ଭାଙ୍ଗିଯିବା ପରେ ସ୍ଥାନୀୟ ଅଚଂଳରେ ଚିନ୍ତା ବଢ଼ିଛି ।



## ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ : ୭ ଜୀବନ୍ତ ଦଗ୍ଧ



କୋଲକାତା,୧୭/୮: ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ତାରାପୀଠରେ ଏକ ଘରୋଇ ହୋଟେଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଭିତରେ ଫସି ରହିଥିବା ସାତ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନେକ ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ଅଚଂଳରେ ଆତଙ୍କ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନେ ଆଶଙ୍କା କରୁଛନ୍ତି ଯେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ। ବୀରଭୂମ ଜିଲ୍ଲାର ତାରାପୀଠର ପୁଲିସ ଷ୍ଟେସନ ନିକଟରେ ଥିବା ଏକ ହୋଟେଲରେ ଏହି ଘଟଣା ଘଟିଛି।ହ୍ରଦ ନିକଟରେ ଅବସ୍ଥିତ ବିଦିଶିନି ହୋଟେଲର ତଳ ମହଲାରେ ଭୋର ପ୍ରାୟ ସାଢ଼େ ୪ଟା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଂ ଥିଲେ ଏବଂ ବହୁତ ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଆହତମାନଙ୍କୁ ହୋଟେଲରୁ ବାହାର କରାଯାଇ ଚିକିତ୍ସା ପାଇଁ ରାମପୁରହାଟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା । ଅଗ୍ନିଶମ ବିଭାଗର ପ୍ରାରମ୍ଭିକ ଆକଳନ ଅନୁଯାୟୀ, ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ତାରାପୀଠ ଏବଂ ରାମପୁରହାଟ ଥାନା ପୁଲିସ ଘଟଣାସ୍ଥଳରେ ପହଚିଂ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ଅଗ୍ନିକାଣ୍ଡର କାରଣ ଏବଂ ଦୁର୍ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିର ତଦନ୍ତ କରାଯାଉଛି।



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

## ୧୪ ଓଡ଼ିଶା ବାଟାଲିୟନ ଏନ୍ ସି ସି କେନ୍ଦୁଝର ପକ୍ଷରୁ 'ତ୍ରିରଙ୍ଗା ଶୋଭାଯାତ୍ରା'



କେନ୍ଦୁଝର,୧୭/୮(ନି/ପ୍ର): ଓଡ଼ିଶା ବାଟାଲିୟନ ଏନ୍.ସି. ସି. କେନ୍ଦୁଝର ପକ୍ଷରୁ ଶୁକ୍ରବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ଏହି ରାଲିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଏନ୍.ଏସ୍. ପୋଲିସ୍ ହାଇସ୍କୁଲର ଏନ୍.ସି.ସି. ଅଫିସର୍ ବିଜୟ କୁମାର ବେହେରା ଏବଂ ପି ଏମ୍ ଶ୍ରୀ ଡି.ଏନ୍.ହାଇସ୍କୁଲର ଏନ୍.ସି. ସି. ଅଫିସର୍ ସୁରେନ୍ଦ୍ର କୁମାର ପଇଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧରଣୀଧର ବିଶ୍ୱ ବିଦ୍ୟାଳୟ,ଆଂଚଳିକ ଡିଗ୍ରୀ ମହା ବିଦ୍ୟାଳୟ ପଦ୍ମପୁର,ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ,କେନ୍ଦୁଝର,ଏନ୍.ଏସ୍. ପୋଲିସ୍ ହାଇସ୍କୁଲ,ପି ଏମ୍ ଶ୍ରୀ ଡି. ଏନ୍ ହାଇସ୍କୁଲ, ପି ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ,କେନ୍ଦୁଝର,ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,କେନ୍ଦୁଝରଗଡ଼ର ପ୍ରାୟ ୨୦୦ କ୍ୟାଡେଟ୍ ହାତରେ ଜାତୀୟ ପତାକା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଧରଣୀଧର ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ ।ସେହିପରି ଏକ ବିଶାଳ ସାଇକେଲ ରାଲି ତ୍ରିରଙ୍ଗା ଶୋଭାଯାତ୍ରା ବଳଦେବଜୀଉ ମନ୍ଦିର ନିକଟରୁ ବାହାରି ଧରଣୀଧର ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ଭାରତୀୟଙ୍କ ସ୍ୱାଭିମାନ ଓ ସମ୍ମାନର ପ୍ରତୀକ ଜାତୀୟ ତ୍ରିରଙ୍ଗା ପତାକାକୁ ପ୍ରତ୍ୟେକ ଘରେ ଗୌରବର ସହିତ ଉଡ଼ାଇବା ପାଇଁ ଏହି ଅବସରରେ ସାଧାରଣ ଜନତାଙ୍କୁ ଆହ୍ୱାନ ଦିଆଯାଇଥିଲା ।୧୪ ଓଡ଼ିଶା ବାଟାଲିୟନ ଏନ୍ ସି ସି ର ପି. ଆଇ. ଷ୍ଟାଫଙ୍କ ସହଯୋଗରେ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସଫଳତା ର ଅନୁଷ୍ଠିତ ହୋଇଥିଲା ।

## କୁଅଁରସାହିଠାରେ ବୈତରଣୀର ମୁଖ୍ୟ ବନ୍ଧ ଧସିଲା

ଦଶରଥପୁର,୧୭/୮(ନି/ପ୍ର): ବୈତରଣୀର ଦୁଦୁରାଅଟାଂ ପଚାଂୟତ କୁଅଁରସାହି ଠାରେ ୧୦୦ ଫୁଟ ଲମ୍ବା ୩୦ ଫୁଟ ଚଉଡା ମୁଖ୍ୟ ବନ୍ଧଧସିଛି । କାଣୀର ତରପଦା ପଚାଂୟତ ପାଟଣା ଗ୍ରାମ ପାଖରେ ୨ ଟି ଗୋଟିଏ ୪୦ ଫୁଟ ଲମ୍ବ ୧୫ ଫୁଟ ଓସାର ଏବଂ ଦ୍ୱିତୀୟଟି ୮୦ ଫୁଟ ଲମ୍ବ ୨୦ ଓସାରରେ ବନ୍ଧ ଧସିଯାଇଛି । ସ୍ଥାନୀୟ ଲୋକଙ୍କ ସହାୟତା ଜଳସମ୍ପଦ ବିଭାଗ ମରାମତି କାର୍ଯ୍ୟ ଜାରି ରହିଛି । ମାତ୍ର ଲଗାଣ ବର୍ଷା କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଅନ୍ୟପକ୍ଷରେ ଘର ଛାତ ଉପରେ ଥିବା ଲୋକଙ୍କୁ ଦଶରଥପୁର ଅଗ୍ନିଶମ ବାହିନୀ ଉଦ୍ଧାର କରି ଉପର ସ୍ଥାନକୁ ଆଣିଛି । ସବୁଠୁ ଅଧିକ ସମସ୍ୟା ବଢିଯାଇଛି ନଦୀ ବନ୍ଧ ଉପରେ ଥିବା ଲୋକଙ୍କର । ଗୋଟିଏ ପାଲ ତଳେ ମଣିଷ, ଗାଈ, ଛେଳି, କୁକୁଡ଼ା ଏକାଠି ମୁଣ୍ଡ ଗୁଂଜିଛନ୍ତି । ବର୍ଷାରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି ।



## ଖାଲଖମାରେ ପରିପୂର୍ଣ୍ଣ ରାସ୍ତା ; ନିର୍ମାଣ ଦାବି ନେଇ ଲୋକେ ଉତେଜିତ



କେନ୍ଦୁଝର,୧୭/୮(ନି/ପ୍ର): ଖାଲଖମା ରାସ୍ତାର ନିର୍ମାଣ ନହେବା କାରଣରୁ ସ୍ଥାନୀୟ ଜନତା ତାତିଛନ୍ତି। ସମସ୍ୟାର ସମାଧାନ ଦାବି କରି ଲୋକେ ୨ଦିନ ହେଲା ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାଜପଥରେ ହଜାର ହଜାର ଭାରିଯାନ ଅଟକି ରହିଛି । କେନ୍ଦୁଝରଜିଲ୍ଲା ବାଂଶପାଳ ବ୍ଲକ ଫୁଲଝର ଠାରୁ ଜଗଦଳା ରାସ୍ତାରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ସମସ୍ୟାର ସମାଧାନ ନହେବାରୁ ଲୋକେ ଶେଷରେ ରାସ୍ତା ଅବରୋଧ କରିଛନ୍ତି । ଫଳରେ ୨ ଦିନ ହେଲା ରାସ୍ତାରେହଜାର ହଜାର ଗାଡି ଅଟକି ରହିଛି । ଗତକାଲି ଠାରୁ ଫୁଲଝର ଠାରେ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ପଡିଛି । ଫୁଲଝର-ଜଗଦଳା ରାସ୍ତାରେ ଯାତାୟାତ ଠପ ହୋଇଯାଇଛି । ସ୍ଥାନୀୟ ଲୋକେ ରାସ୍ତା ମରାମତି ନ ହେବା ଯାଏଁ ରାସ୍ତା ଅବରୋଧ ଜାରି ରହିବ ବୋଲି ଅଡି ଧରିଧାରଣାରେ ବସିଛନ୍ତି । ତେବେ ଏହି ରାସ୍ତାରେ ଆରଡେଟଂ ଷ୍ଟିଲ ଫୁଲଝର ଓ ଶ୍ରୀମେଟାଲିକ ଅଁରା କାରଖାନାର ପ୍ରତିଦିନ ହଜାର ହଜାର ଆଇରନ ଟ୍ରକ୍ ଚଳାଚଳ କରୁଛି । ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ୧୦ କିମି ରାସ୍ତାର ବହୁସ୍ଥାନରେ ଊର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହେଇଛି । ସ୍ଥାନୀୟ ଲୋକେ, ରୋଗୀ, ସ୍କୁଲ ଛାତ୍ରଛାତ୍ରୀ ଯାତାୟାତ କରିବାକୁ ଅସୁରକ୍ଷିତ ମନେ କରୁଛନ୍ତି । ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନଯିବାରୁ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି।

## ସାଇବର ସୁରକ୍ଷା ନେଇ ଓଡ଼ିଶା ପୋଲିସର ସର୍ବବୃହତ୍ ରାଜ୍ୟବ୍ୟାପୀ ଜନସଚେତନତା ଅଭିଯାନ

କଟକ/ଭୁବନେଶ୍ୱର,୧୭/୮(ନି/ପ୍ର):ସମାଜରେ ବଢୁଥିବା ସାଇବର ଅପରାଧର ମୁକାବିଲା କରିବା ସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁରକ୍ଷିତ, ସଚେତନ ଓ ଦାୟିତ୍ୱବାନ ଡିଜିଟାଲ୍ ନାଗରିକ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଶୁକ୍ରବାର ଦିନ ଏକ ବୃହତ୍ ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ଆରକ୍ଷୀ ମହାନିର୍ଦ୍ଦେଶକ, କ୍ରାଇମବ୍ରାଂଚ ଶ୍ରୀ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବ୍ୟାପକ ଅଭିଯାନରେ ରାଜ୍ୟର ୩୫ଟି ପୋଲିସ ଜିଲ୍ଲା ଅନ୍ତର୍ଗତ ୨୦,୦୦୦ରୁ ଅଧିକ ବିଦ୍ୟାଳୟ ଏବଂ ୨,୦୦୦ରୁ ଅଧିକ ମହାବିଦ୍ୟାଳୟ ଲାଇଭ୍ ୱେବକାଷ୍ଟ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସାମିଲ ହୋଇଥିଲେ । ଏହି ଅଭିଯାନରେ ୪୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ପୋଲିସ କର୍ମଚାରୀ ଅଂଶଗ୍ରହଣ କରି ସାଇବର ସଚେତନତା କ୍ଷେତ୍ରରେ ଓଡ଼ିଶାର ଏକ ନୂଆ ମାଇଲଖୁଂଟ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ସମୟରେ ସାଇବର ଅପରାଧର ବିଭିନ୍ନ ନୂଆ ରୂପ ସାମ୍ନାକୁ ଆସୁଥିବା ବେଳେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅନଲାଇନ୍ ଠକେଇ, ବ୍ଲାକମେଲିଂ ଏବଂ ବିଭିନ୍ନ ପ୍ରକାର ଡିଜିଟାଲ୍ ଶୋଷଣର ଶିକାର ହେଉଛନ୍ତି । ଏପରିକି କେତେକ କ୍ଷେତ୍ରରେ ଅଜାଣତରେ ନିଜର ବ୍ୟାଙ୍କ ଖାତା, ସିମ୍ କାର୍ଡ କିମ୍ବା ପରିଚୟପତ୍ରକୁ ସାଇବର ଅପରାଧୀଙ୍କ ଦ୍ୱାରା ଅପବ୍ୟବହାର ପାଇଁ ଉପଲବ୍ଧ କରାଇବା ଭଳି ଘଟଣା ମଧ୍ୟ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କୁ ସାଇବର ବିପଦ ସମ୍ପର୍କରେ ସଚେତନ କରିବା, ଡିଜିଟାଲ୍ ମାଧ୍ୟମର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ଏବଂ ସେମାନଙ୍କୁ ନିଜ ପରିବାର ଓ ସମାଜରେ 'ସାଇବର ସଚେତନତାର ଦୂତ' ଭାବେ ଗଢ଼ି ତୋଳିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ଥିଲା । ଏହି ଅବସରରେ ରାଜ୍ୟପାଳ, ଓଡ଼ିଶା ଡ. ହରି ବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ନେଇ ସଚେତନ ଓ ସତର୍କ ରହିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସାଇବର-ସୁରକ୍ଷିତ ଓଡ଼ିଶା ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜରେ ସାଇବର ସଚେତନତାର ଦୂତ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସାଇବର ଆର୍ଥିକ ଠକେଇ ଘଟିଲେ 'ଗୋଲଡେନ୍ ଆୱାର' ମଧ୍ୟରେ ତୁରନ୍ତ ପଦକ୍ଷେପ ନେବାର ଗୁରୁତ୍ୱ ଉପରେ ବିଶେଷ ଭାବେ ସଚେତନ କରାଯାଇଥିଲା । କୌଣସି ବ୍ୟକ୍ତି ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନକରି ତୁରନ୍ତ ୧୯୩୦ ନମ୍ବରରେ ଯୋଗାଯୋଗ କରିବା ସହ ସାଇବରକ୍ରାଇମ.ଜିଓଭି.ଇନ୍ ପୋର୍ଟାଲରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଠକେଇର ଶିକାର ହେବା ପରେ ଯେତେ ଶୀଘ୍ର ଅଭିଯୋଗ କରାଯିବ, ଠକେଇ ହୋଇଥିବା ଅର୍ଥକୁ ରୋକିବା ଏବଂ ତାହାର ପୁନରୁଦ୍ଧାରର ସମ୍ଭାବନା ସେତେ ଅଧିକ ରହିଥାଏ । ସଚେତନତା କାର୍ଯ୍ୟକ୍ରମରେ ସ୍ପଷ୍ଟ କରାଯାଇଥିଲା ଯେ କୌଣସି ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ କିମ୍ବା ପୋଲିସ ଅଧିକାରୀ ଓଟିପି,ପିନ୍, ସିଭିଭି କିମ୍ବା ପାସୱାର୍ଡ ମାଗନ୍ତି ନାହିଁ । ତେଣୁ ଏଭଳି ସୂଚନା କେବେବି କାହା ସହିତ ସେୟାର ନକରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି, 'ଡିଜିଟାଲ୍ ଆରେଷ୍ଟ' ନାମରେ କେହି ଟଙ୍କା ଦାବି କଲେ ତାହା ଠକେଇ ବୋଲି ବୁଝି ତୁରନ୍ତ ୧୯୩୦ରେ ଯୋଗାଯୋଗ କରିବାକୁ ସଚେତନ କରାଯାଇଥିଲା । ଟଙ୍କା ପାଇଁ ନିଜ ବ୍ୟାଙ୍କ ଖାତା, ସିମ୍ କାର୍ଡ କିମ୍ବା ପରିଚୟପତ୍ର ଅନ୍ୟ କାହାକୁ ପ୍ରଦାନ ନକରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ବ୍ଲାକମେଲିଂ କିମ୍ବା ଡିଜିଟାଲ୍ ଶୋଷଣର ଶିକାର ହେଲେ ଭୟଭୀତ ନହୋଇ କୌଣସି ପରିସ୍ଥିତିରେ ଟଙ୍କା ନଦେବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ଘଟଣା ଘଟିଲେ ତୁରନ୍ତ ନିଜ ଅଭିଭାବକ, ଶିକ୍ଷକ କିମ୍ବା ପୋଲିସକୁ ଜଣାଇବା ସହ ଆବଶ୍ୟକ ଡିଜିଟାଲ୍ ପ୍ରମାଣ ସୁରକ୍ଷିତ ରଖିବାକୁ କୁହାଯାଇଥିଲା । ଏହି ବୃହତ୍ ରାଜ୍ୟବ୍ୟାପୀ ଅଭିଯାନ ମାଧ୍ୟମରେ ସାଇବର ଅପରାଧ ବିରୋଧରେ ସଚେତନତାକୁ ତୃଣମୂଳ ସ୍ତରରେ ପହଚାଂଇବା ସହ ଏକ ସୁରକ୍ଷିତ ଓ ଦାୟିତ୍ୱବାନ ଡିଜିଟାଲ୍ ସମାଜ ଗଠନ ପାଇଁ ସାମୂହିକ ସଂକଳ୍ପ ନିଆଯାଇଥିଲା । "ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ—ସାଇବର ସୁରକ୍ଷିତ ଓଡ଼ିଶା" ବାର୍ତ୍ତା ସହ ଏହି ବୃହତମ ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନର ସଫଳ ସମାପନ ହୋଇଥିଲା । କାର୍ଯ୍ୟକ୍ରମରେ କମିଶନର-ତଥା-ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଡ. ଏନ୍. ତିରୁମାଳା ନାଏକ, ଡିଆଇଜି, କ୍ରାଇମବ୍ରାଂଚ ବି. ଗଙ୍ଗାଧର, ଡିଆଇଜି, କ୍ରାଇମବ୍ରାଂଚ ମଡକର ସନ୍ଦୀପ ସମ୍ପତଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀ ଏବଂ ବିଭିନ୍ନ ଜିଲ୍ଲାର ପୋଲିସ ଓ ଶିକ୍ଷା ପ୍ରଶାସନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ତେଲକୋଇ ଅଚଂଳରେ ଲଗାଣ ବର୍ଷା : ଅନେକ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ



ତେଲକୋଇ,୧୭/୮(ନି/ପ୍ର): କେନ୍ଦୁଝରଜିଲ୍ଲା ତେଲକୋଇ ଅଚଂଳରେ ଲଗାଣ ବର୍ଷାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ପଡ଼ିଛି ।ହନୁମନ୍ତିଆ ନାଳରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ତେଲକୋଇ- ଜଗମୋହନପୁର ପୂର୍ତ୍ତି ରାସ୍ତା କେନ୍ଦୁପତ୍ର ଅଫିସ ନିକଟରେ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ୪୯ ନଂ ଜାତୀୟ ରାଜପଥ ଜଗମୋହନପୁର ଅଚଂଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି ।ସେହିପରି ଦେଉଳଡିହା ପଚାଂୟତ ନୂଆଁଗଡସ୍ଥିତ ଟେନାର ନାଳ ପୋଲ ଉପରେ ୫ ଫୁଟ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଦେଉଳଡିହା ଓ କରଦାଙ୍ଗି ଅଚଂଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ତେଲକୋଇ ଡାକବଙ୍ଗଳା ନିକଟସ୍ଥ ସମାକୋଇ ନଦୀର ପୋଲ ଉପରେ ଗତକାଲି ବିଳମ୍ବିତ ରାତିରୁ ୩ ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଗତକାଲି ବିଳମ୍ବିତ ରାତିରୁ ତେଲକୋଇ-ଭୁବନେଶ୍ୱର,କ ଟକଢେଙ୍କାନାଳ, କାଳିଆହତା ପ୍ରଭୃତି ଅଚଂଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ତେଲକୋଇ ବ୍ଲକ ଅନ୍ତର୍ଗତ କରଦାଙ୍ଗିସ୍ଥିତି ଘୁରୁଡିଆ ନାଳ ପୋଲ ଉପରେ ଏବେ ଏବେ ୫ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି,କରଦାଙ୍ଗି-ତେଲକୋଇ ଓ କରଦାଙ୍ଗି ଅନୁଗୋଳ ତାଳଚେର ଯୋଗାଯୋଗ ବିଚ୍ଛିନ୍ନ । ତେଲକୋଇରେ ଗତକାଲି ବିଳମ୍ବିତ ରାତି ୧୨ଟାରୁ ତେଲକୋଇ ଅଚଂଳରେ ବର୍ଷା ଆରମ୍ଭ ହୋଇଥିଲା ।ଆଜି ସକାଳ ୮ଟା ସୁଦ୍ଧା ୧୨୯.୮ ମିମି ବର୍ଷା ରେକର୍ଡ କରାଯାଇଛି ।

## ଅଖଣ୍ଡ ଭାରତ ଦିବସରେ ଭବ୍ୟ ତ୍ରିରଙ୍ଗା ଯାତ୍ରା

ଭଦ୍ରକ,୧୭/୮(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅଖଣ୍ଡ ଭାରତ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ୧୦୮ ଦୀପ ଜାଳି ଅଖଣ୍ଡ ଭାରତ ଗଠନ ପାଇଁ ସମସ୍ତେ ଦୃଢ଼ ସଂକଳ୍ପ ନେଇଥିଲେ ।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ର ପ୍ରସ୍ତାବ ମୂଲ୍ୟାୟନ

ଜୟପୁର,୧୭/୮(ନି/ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ଓଡ଼ିଶା ପରିସରରେ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ର ପ୍ରତିଷ୍ଠାନସ୍ତରୀୟ ପ୍ରକଳ୍ପ ପ୍ରସ୍ତାବ ମୂଲ୍ୟାୟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ଉଦ୍ୟୋଗୀ ଚିନ୍ତାଧାରା ଓ ଷ୍ଟାର୍ଟ-ଅପ୍ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମୂଲ୍ୟାୟନ ପ୍ରକ୍ରିୟାରେ ପ୍ରତିଯୋଗୀମାନେ ନିଜ ନିଜ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବକୁ ଉପସ୍ଥାପନ କରିଥିଲେ । ଏଥିସହିତ ପ୍ରତ୍ୟେକ ପ୍ରକଳ୍ପର ହାର୍ଡକପି ପ୍ରସ୍ତାବ ମଧ୍ୟ ମୂଲ୍ୟାୟନ କମିଟି ନିକଟରେ ଦାଖଲ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋଟ୍ ୧୦ଟି ଛାତ୍ର ଗୋଷ୍ଠୀ ଅଂଶଗ୍ରହଣ କରି ନିଜ ନିଜ ଅଭିନବ ପ୍ରକଳ୍ପ ଓ ଷ୍ଟାର୍ଟ-ଅପ୍ ଧାରଣା ଉପସ୍ଥାପନ କରିଥିଲେ । ମୂଲ୍ୟାୟନ କମିଟିରେ ଡ. ଅରୁଣ କୁମାର ରାଜ, ସହକାରୀ ପ୍ରାଧ୍ୟାପକ, ଓଡ଼ିଆ; ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ସହକାରୀ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ; ଏବଂ ଚାର୍ଟାର୍ଡ ଆକାଉଂଟାଂଟ ଜାମି ସନ୍ତୋଷ କୁମାର, ଜୟପୁରର ଜଣେ ସୁପରିଚିତ ଚାର୍ଟାର୍ଡ ଆକାଉଂଟାଂଟ, ସମ୍ମାନନୀୟ ବିଚାରକ ଭାବେ ଯୋଗଦେଇଥିଲେ । ବିଚାରକମାନେ ପ୍ରକଳ୍ପଗୁଡ଼ିକର ନବସୃଜନ, ମୌଳିକତା, ବ୍ୟବହାରିକତା, କାର୍ଯ୍ୟକ୍ଷମତା, ସ୍ଥାୟୀତ୍ୱ, ଉଦ୍ୟୋଗୀ ସମ୍ଭାବନା ଏବଂ ସାମାଜିକ-ଆର୍ଥିକ ପ୍ରାସଙ୍ଗିକତା ଆଦି ବିଭିନ୍ନ ମାନଦଣ୍ଡ ଆଧାରରେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ବିଶ୍ୱବିଦ୍ୟାଳୟର ପି.ଜି. କାଉନସିଲ୍ ର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜ ଅଭିଭାଷଣରେ ସେ ଛାତ୍ରଛାତ୍ରୀଙ୍କ ନବସୃଜନମୂଳକ ଚିନ୍ତାଧାରା ଓ ଉତ୍ସାହକୁ ପ୍ରଶଂସା କରିବା ସହିତ ଯୁବପିଢ଼ି ମଧ୍ୟରେ ସୃଜନଶୀଳତା, ଉଦ୍ୟୋଗୀ ମନୋଭାବ ଓ ଷ୍ଟାର୍ଟ-ଅପ୍ ସଂସ୍କୃତିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ।ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା–୨୦୨୬ର ସଂଯୋଜକ ସଚିନ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସୁଚାରୁ ଓ ସୁସଂଗଠିତ ଭାବରେ ଆୟୋଜନ ଏବଂ ସମନ୍ୱୟ କରିଥିଲେ । ତାଙ୍କର ଉତମ ସମନ୍ୱୟ ଓ ସୁବ୍ୟବସ୍ଥିତ ପରିଚାଳନା ଯୋଗୁଁ ମୂଲ୍ୟାୟନ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା । ବିସ୍ତୃତ ମୂଲ୍ୟାୟନ ଓ ବିଚାରବିମର୍ଶ ପରେ ମୂଲ୍ୟାୟନ କମିଟି ନିମ୍ନଲିଖିତ ତିନିଟି ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତାବ ଚୟନ କରିଥିଲେ—ପ୍ରଥମ ସ୍ଥାନ: ପି. ସନ୍ତୋଷ କୁମାର — ଯୁକ୍ତ ତିନି ତୃତୀୟ ବର୍ଷ ବାଣିଜ୍ୟ, ଦ୍ୱିତୀୟ ସ୍ଥାନ: ସିଦ୍ଧାର୍ଥ ଶଙ୍କର ଜେନା ଓ ଦିବ୍ୟଜ୍ୟୋତି ଦେଓ — ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବିଜ୍ଞାନ, ତୃତୀୟ ସ୍ଥାନ: ବିଜୟ ଖିଲ୍ଲୋ — ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବାଣିଜ୍ୟ । ଉପରୋକ୍ତ ତିନିଟି ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତାବର ପ୍ରତିନିଧିମାନେ ସେପଟେମ୍ବର ୨୦୨୬ରେ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିବେ । ଏହି ଚୟନ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗୌରବର ବିଷୟ ହେବା ସହିତ ସେମାନଙ୍କ ଅଭିନବ ପ୍ରକଳ୍ପକୁ ଅଧିକ ବିକଶିତ କରିବାର ଏକ ବଡ଼ ସୁଯୋଗ ସୃଷ୍ଟି କରିଛି । ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ନବସୃଜନ ଓ ଉଦ୍ୟୋଗୀ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଆକର୍ଷଣୀୟ ଆର୍ଥିକ ସହାୟତାର ବ୍ୟବସ୍ଥା କରିଛି ।

## ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ



ଅନୁଗୋଳ,୧୭/୮(ନି/ପ୍ର): ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ପଡ଼ିଆ ଠାରେ ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଚାଂୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ଦ୍ଧାରିତ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଶ୍ରୀ ଅବ୍ ?ଦାଲ୍ ମୁହମ୍ମଦ୍ ଅଖ୍ ?ତର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନ ମଧ୍ୟ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମର ଅମର ଶହୀଦମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜିଲ୍ଲାର ଗୌରବମୟ ଇତିହାସ, ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ସଂଗ୍ରାମୀମାନଙ୍କ ତ୍ୟାଗକୁ ସ୍ମୃତିଚାରଣ କରିଥିଲେ । କବି ରାଧାମୋହନ ଗଡ଼ନାୟକଙ୍କ ପଂକ୍ତି ଆଧାରରେ ନିଜ ମାଟି ଓ ମୂଳ ସହ ଯୋଡ଼ି ହୋଇ ରହିବା ସହ ବିକାଶ ପଥରେ ଆଗେଇବାର ବାର୍ତ୍ତା ଦେଇଥିଲେ । ଏହି ଅବସରରେ ଜିଲ୍ଲାର କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ । ଏହି ସମ୍ମିଳିତ ପରେଡରେ ରିଜର୍ଭ ଇନ୍ସପେକ୍ଟର ଶ୍ରୀ ଗୋବିନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ମୋଟ ୩୫ ଗୋଟି ପ୍ଲାଟୁନ୍ ଅଂଶଗ୍ରହଣ କରିଥିଲେ । 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଜାତୀୟ ସଙ୍ଗୀତ ଗାନ ସହ ଏହି ଦେଶାତ୍ମବୋଧକ ସଙ୍ଗୀତକୁ ସ୍ୱାଧୀନତା ଦିବସ ସମାରୋହରେ ସ୍ୱତନ୍ତ୍ର ଭାବେ ଅନ୍ତର୍ଭୁକ୍ତ କରାଯାଇଛି । ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ହାଇସ୍କୁଲ୍ ସାର୍ଟିଫିକେଟ ପରୀକ୍ଷା ଏବଂ ସି.ବି.ଏସ.ଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ନିଜ ନିଜ କ୍ଷେତ୍ରରେ ଉତ୍କୃଷ୍ଟ ସେବା ପ୍ରଦାନ କରିଥିବା ଜଣେ ଶ୍ରେଷ୍ଠ ସ୍ୱାସ୍ଥ୍ୟ କର୍ମଚାରୀ, ଶ୍ରେଷ୍ଠ ଶିକ୍ଷୟିତ୍ରୀ, ଶ୍ରେଷ୍ଠ ସଫେଇ କର୍ମଚାରୀ ଏବଂ ୪ ଜଣ ଆରକ୍ଷୀ ଅଧିକାରୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ ଓ ପୁରସ୍କୃତ କରିଥିଲେ । ଅଙ୍ଗଦାନ ଭଳି ମହତ କାମ କରିଥିବା ସ୍ୱର୍ଗତ ରିତେଶ ପ୍ରଧାନଙ୍କ ସହଧର୍ମିଣୀଙ୍କୁ ମଧ୍ୟ ମାନ୍ୟବର ମନ୍ତ୍ରୀ ସମ୍ମାନିତ କରିଥିଲେ । ସେହିପରି ପରେଡରେ କୃତିତ୍ୱ ହାସଲ କରିଥିବା ୬ ଗୋଟି ଦଳକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହା ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ରକ୍ତଦାନ ଶିବିର ଉଦଘାଟନ କରିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଟ୍ରମା କେୟାର ପରିସରରେ ଆଇସିୟୁ (ଓଉଟ), ମୋଡ୍ୟୁଲାର ଓଟି, ଏଣ୍ଡୋସ୍କୋପି, ଇକୋ-ଆଟେଣ୍ଡାଂଟ ରେଷ୍ଟ ସେଡ୍ ଓ 'ଜୀବନ ସାଥୀ' ଅଟୋ-ଆମ୍ବୁଲାନ୍ସ ଭଳି ବିଭିନ୍ନ ପ୍ରମୁଖ ସ୍ୱାସ୍ଥ୍ୟସେବାର ଶୁଭ ଉଦ୍‌ଘାଟନ ମଧ୍ୟ କରିଥିଲେ । ପରେ ପରେ ଜେଲର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ବଜାଯାଇ ସହର ପରିକ୍ରମା କରିଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ସହରର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିଥିଲେ । ଅପରାହ୍ନରେ ସ୍ଥାନୀୟ କଦମ୍ ପଡ଼ିଆଠାରେ ଏକ ବନ୍ଧୁତ୍ୱ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ସଭାଘର ଠାରେ ଆୟୋଜିତ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ପୁରସ୍କୃତ କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇ.ଏ.ଏସ ପ୍ରୋବେସନର ଶ୍ରୀ ଅଭି ଜୈନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦନ୍ନ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ, ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିପ୍ରମୁଖ ଯୋଗ ଦେଇଥିଲେ । ଆସିଷ୍ଟାଂଟ ପ୍ରଫେସର ଶ୍ରୀ ବନମାଳୀ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ମଙ୍ଗଳବାର ୧୮ ଅଗଷ୍ଟ ୨୦୨୬**

# ପିତାମହ !

'ଜେନ ଜି' ଆନ୍ଦୋଳନକାରୀଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ଥିଲା କୌଣସି 'ଏକଜିଦିଆ ପୁତ୍ର' ସହିତ 'କଠୋର ପିତା'ଙ୍କ ଆଚରଣ ସଦୃଶ । ଏଭଳି ସ୍ଥଳେ କୌଣସି ଜଣଙ୍କ ଆଗରେ ଯଦି ଅନ୍ୟ ଜଣେ ଅବନତ ହେବାକୁ ବାଧ୍ୟ ହୁଅନ୍ତି, ତେବେ, ହୁଏତ ସମସ୍ୟା ସମାହିତ ହୋଇଥିବାର ଧାରଣା ଉତ୍ପନ୍ନ ହୁଏ, କିନ୍ତୁ ପ୍ରକୃତରେ କଳହ ସମାପ୍ତ ହୋଇ ନ ପାରେ ଏବଂ ପରିବାରରେ ଉତେଜନା ଓ ଅସ୍ୱସ୍ତି ଲାଗି ରହିପାରେ ! ଏହି ସମୟରେ ଲୋଡ଼ା ଯାଇଥାଏ ଶ୍ରଦ୍ଧାଶୀଳ ପିତାମହଙ୍କୁ, ଯିଏ ସୌହାର୍ଦ୍ଦ୍ୟ ଫେରାଇ ଆଣିବା ଲାଗି ସ୍ନେହ, କୋମଳ ଭର୍ତ୍ସନା, ଆଲୋଚନା-ସମାଲୋଚନା ଆଦି ଦ୍ୱାରା ପିତା ଓ ପୁତ୍ରଙ୍କ ମଧ୍ୟରେ ସେତୁର ଭୂମିକା ନିର୍ବାହ କରନ୍ତି । ମୋହନ ଭାଗବତ ସେହିଭଳି ଜଣେ ପ୍ରବୁଦ୍ଧ ପିତାମହ ଭଳି ଦିଶନ୍ତି କି ? ଗଲା ୬ ତାରିଖରେ ମୁମ୍ବାଇସ୍ଥିତ 'ନୀତା ମୁକେଶ ଅମ୍ବାନୀ କଲଚରାଲ ସେଂଟର'ର ପରିପୂର୍ଣ୍ଣ ପ୍ରେକ୍ଷାଳୟରେ, ଏକ ମନୋଜ୍ଞ ପରିବେଶରେ, 'ଜେନ ଜି' ପକ୍ଷର ଜନୈକ ପ୍ରତିନିଧି ଏବଂ 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ' ବା ଆର.ଏସ.ଏସ.ର ମୁଖ୍ୟ ମୋହନ ଭାଗବତଙ୍କ ମଧ୍ୟରେ ହୋଇଥିବା ଶିଷ୍ଟ ସଂବାଦ ବା ବାର୍ତ୍ତାଲାପ ଅନେକ କାରଣରୁ କୌତୂହଳ, ବିସ୍ମୟ ଓ ଚର୍ଚ୍ଚାର ବିଷୟ ହୋଇଛି । କାରଣ, ସିଜେପି ଦ୍ୱାରା ଆୟୋଜିତ ଦୁର୍ବିନୀତ 'ଜେନ ଜି' ବିରୋଧ ପ୍ରଦର୍ଶନ ପରିପ୍ରେକ୍ଷୀରେ ବିଜେପି ଓ ଆର.ଏସ.ଏସ.ର କତିପୟ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ପକ୍ଷରୁ ପ୍ରଦର୍ଶନକାରୀ ଏବଂ ସାମଗ୍ରିକ ଭାବେ ଜେନ ଜି ପିଢ଼ିକୁ କଟୁ ଆକ୍ଷେପ କରାଯାଇଥିଲା, ଯହିଁରେ 'ରାଷ୍ଟ୍ର ବିରୋଧୀ ଅପଶକ୍ତି', 'ବିଦେଶୀ ଏଜେଂଟ', 'ବାମବାଦୀ ଅରାଜକ', 'ଆତଙ୍କବାଦୀ' ଏବଂ 'ନର୍ଦ୍ଦମା-ପିଢ଼ି' ବା 'ଜେନେରେସନ ଗଟର' ଇତ୍ୟାଦି ଅନ୍ତର୍ଭୁକ୍ତ । ଏଭଳି ସ୍ଥିତିରେ ମୋହନ ଭାଗବତଙ୍କ ମୁହଁରୁ 'ଜେନ ଜି'ଙ୍କ ଚରିତ୍ର ଓ ସ୍ୱଭାବର ପ୍ରଶଂସା, କୌଣସି ଗଣତନ୍ତ୍ରରେ ବାର୍ତ୍ତାଳାପ ଓ ବିରୋଧର ଆବଶ୍ୟକତା, ପ୍ରକୃତ ନେତୃତ୍ୱର ପରିଭାଷା ଇତ୍ୟାଦିକୁ ନେଇ ଯାହା ସବୁ ଶୁଣିବାକୁ ମିଳିଛି, ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ ଏବଂ ସୂକ୍ଷ୍ମ ଆଲୋଚନା ଲାଗି ଅବକାଶ ସୃଷ୍ଟି କରିଥାଏ । କହିବା ଅନାବଶ୍ୟକ ଯେ ସେହି ବାର୍ତ୍ତାଳାପରେ 'ଜେନ ଜି' ଓ 'ଜେନ ଆଲଫା'ଙ୍କୁ, ଅର୍ଥାତ୍ ସାଂପ୍ରତିକ ତରୁଣ ଓ କିଶୋରମାନଙ୍କୁ ସର୍ବାଧିକ ସଚ୍ଚୋଟ, ନିର୍ଭୀକ, ପ୍ରଶ୍ନ କରି ଉତର ପାଇବା ସକାଶେ ବ୍ୟାକୁଳ ପିଢ଼ିର ସଦସ୍ୟ ବୋଲି ମୋହନ ଭାଗବତ ଯେଉଁ ସ୍ୱୀକୃତିନାମା ବା 'ସାର୍ଟିଫିକେଟ' ପ୍ରଦାନ କରିଛନ୍ତି, ତାହା ଆନ୍ଦୋଳନକାରୀ ଏବଂ ଆନ୍ଦୋଳନର ଅସଂଖ୍ୟ ସମର୍ଥକଙ୍କ ସକାଶେ ସୁନିଶ୍ଚିତ ଭାବେ ଅତ୍ୟନ୍ତ ସାନ୍ତ୍ୱନା ପ୍ରଦାୟୀ ହୋଇଥିବ; ଯାହାର ପ୍ରମାଣ ମିଳିଥିଲା ସେହି ପ୍ରେକ୍ଷାଳୟରେ ଗୁଂଜରି ଉଠୁଥିବା ତାଳି ମାଡ଼ରୁ । ବଡ଼ କଥା ହେଲା, ଏହି ସବୁ ମନ୍ତବ୍ୟ କେବଳ ଯେ ଜଣେ ମନନଶୀଳ ପ୍ରବୁଦ୍ଧଙ୍କ ଠାରୁ ଆସିଥିଲା ତାହା ନୁହେଁ, ସେ ମଧ୍ୟ ହେଉଛନ୍ତି ରାଷ୍ଟ୍ରବାଦୀ, ହିନ୍ଦୁତ୍ୱବାଦୀ, ରକ୍ଷଣଶୀଳ ଆଦର୍ଶର ଶୃଙ୍ଖଳିତ ସଂଗଠନ ଆର.ଏସ.ଏସ.ର ମୁଖ୍ୟ । ପ୍ରକାଶ ଥାଉ କି ରାମ ମାଧବ ଓ ଅତୁଲ ଲିମାୟେଙ୍କ ଭଳି ଆର.ଏସ.ଏସ.ର କିଛି ଅଗ୍ରଣୀ ନେତା, ଆନ୍ଦୋଳନକାରୀମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସନ୍ଦେହ, ନାପସନ୍ଦ ଓ ବିଦ୍ୱେଷ ବ୍ୟକ୍ତ କରି ଚାଲିଥିଲେ । ଏଥିରେ ଦ୍ୱିରୁକ୍ତି ନାହିଁ ଯେ ସଂଘର କଠୋରପନ୍ଥୀମାନଙ୍କ ଠାରେ ମୋହନ ଭାଗବତଙ୍କ ମତାମତ ପ୍ରତିକ୍ରିୟା ସୃଷ୍ଟି କରିଥିବ । ହୁଏତ, ଏହି କାରଣରୁ ଭବିଷ୍ୟତ୍‌ରେ ଆର.ଏସ.ଏସ. ଭଳି ଏକ ଶୃଙ୍ଖଳିତ ସଂଗଠନରେ ମତାନୈକ୍ୟର ଆଭାସ ମିଳିପାରେ ! ତେବେ, ସେ ଯାହା ହେଉ, ଏହି ବାର୍ତ୍ତାଳାପ ପରେ 'ଜେନ ଜି' ବର୍ଗର ଅସଂଖ୍ୟ ସଦସ୍ୟଙ୍କ ସକାଶେ ମୋହନ ଭାଗବତ ଯେ ଜଣେ ପଥ ପ୍ରଦର୍ଶକ ରୂପେ ଆବିର୍ଭୂତ ହୋଇଥିବେ, ଏଥିରେ ସନ୍ଦେହ ନାହିଁ । ବିଜେପି ମଧ୍ୟ ତାଙ୍କୁ ଜଣେ ଗାର୍ଜନ ଭଳି ମାନ୍ୟ କରୁଥିବାରୁ 'ସିଜେପି'ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆଶା ପ୍ରକାଶ କରିଛନ୍ତି ଯେ ଭାଗବତଙ୍କ ବାଣୀର ପ୍ରଭାବରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ ଠାରେ ସଦ୍‌ବୁଦ୍ଧି ଉଦୟ ହେବ । ତେବେ, ଅନେକ ବିଶ୍ଳେଷକଙ୍କ ମତରେ ବିବର୍ତ୍ତିତ ମୋହନ ଭାଗବତ ପରିବର୍ତ୍ତିତ ସମୟ ସହିତ ତାଳ ଦେଇ ଆଦର୍ଶ, ବାସ୍ତବତା ଓ ବ୍ୟାବହାରିକତା ମଧ୍ୟରେ ସମନ୍ୱୟ ସ୍ଥାପନରେ ସଫଳ ହୋଇଛନ୍ତି, ଯଦ୍ଦ୍ୱାରା ସଂଘର ଆବେଦନ ଅଧିକ ସୁଦୂରପ୍ରସାରୀ ହେବ, ସଂଗଠନର ଗ୍ରହଣୀୟତା ବୃଦ୍ଧି ପାଇବ ଏବଂ ସଂଘାତ ବଦଳରେ ସହଯୋଗର ରାଜନୀତି ସକାଶେ ବାଟ ଫିଟିବ । କିନ୍ତୁ, ଆଉ ଏକ ଆଶଙ୍କା ହେଲା ଏହା ଫଳରେ ଦଳ ଭିତରେ କଠୋରପନ୍ଥୀ ଓ ମଧ୍ୟମ ମାର୍ଗୀଙ୍କ ମଧ୍ୟରେ ଫାଟଟିଏ ଦିଶିପାରେ ! ସେମାନଙ୍କ ମତରେ ଏହି ବାର୍ତ୍ତାଳାପ ଆର.ଏସ.ଏସ. ସକାଶେ ହୋଇପାରେ ଏକ କାଳ ବିଭାଜିକା ସୃଷ୍ଟିର କ୍ଷଣ ! ଗଲା ପ୍ରାୟ ପାଚଂ ବର୍ଷ ଧରି ମୋହନ ଭାଗବତ ଯେଉଁ ସବୁ ଶିରୋନାମା ମଣ୍ଡନକାରୀ ବକ୍ତବ୍ୟ ଦେଇଛନ୍ତି ବା କାର୍ଯ୍ୟ କରିଛନ୍ତି, ତହିଁରେ ସାଂପ୍ରଦାୟିକ ଔଦାର୍ଯ୍ୟ, ନରମ ହିନ୍ଦୁତ୍ୱ ଓ ସହନଶୀଳତା ଆଦି ପ୍ରଦର୍ଶିତ ହୋଇଛି । ତାଙ୍କ ମୁହଁରୁ ଶୁଣିବାକୁ ମିଳିଛି ଯେ ହିନ୍ଦୁ ମୁସଲିମ ନିର୍ବିଶେଷରେ ଭାରତୀୟ ଭୂଖଣ୍ଡର ସମସ୍ତ ଅଧିବାସୀଙ୍କ ଡି.ଏନ.ଏ. ସମାନ, ଯାହାର ଅର୍ଥ ଏହି ଉପମହାଦେଶର ଅସଂଖ୍ୟ ବାସିନ୍ଦା ବିଭିନ୍ନ କାରଣରୁ ଧର୍ମାନ୍ତରିତ ହୋଇଥାଇପାରନ୍ତି, କିନ୍ତୁ ତଦ୍ଦ୍ୱାରା 'ଜାତ୍ୟାନ୍ତରିତ' ହୋଇନାହାନ୍ତି; ବା ପ୍ରତ୍ୟେକ ମସଜିଦ ତଳେ ଶିବଲିଙ୍ଗ ଅନ୍ୱେଷଣର ଉଦ୍ୟମ ଅନାବଶ୍ୟକ; ଅଥବା, ପାକିସ୍ତାନ ସହିତ ସଂବାଦର ସୁଯୋଗ ସୃଷ୍ଟି ହେବା ଉଚିତ । ଉଲ୍ଲେଖଯୋଗ୍ୟ ଯେ ଗଲା ୨୦୨୨ ମସିହାରେ ସୁଖ୍ୟାତ ମୁସଲିମଙ୍କ ଏକ ଦଳ ମୋହନ ଭାଗବତଙ୍କୁ ସାକ୍ଷାତ କରି ଅତ୍ୟନ୍ତ ସନ୍ତୋଷଜନକ ଅନୁଭୂତି ସହିତ ଫେରିଥିଲେ । ସେହିଭଳି ମୋହନ ଭାଗବତଙ୍କ ଦ୍ୱାରା ଦିଲ୍ଲୀର ତାଜସ୍ୱିଦୁଲ କୁରାନ' ମଦ୍ରାସା ପରିଦର୍ଶନ ଜଣେ ଆର.ଏସ.ଏସ. ପ୍ରମୁଖ ଭାବେ ବିରଳ ଶ୍ରେଣୀୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସଦ୍ୟ ସମାପ୍ତ ଏହି ବାର୍ତ୍ତାଳାପ କ୍ରମରେ 'ଏଲ.ଜି.ବି.ଟି.କ୍ୟୁ.' (ସମଲିଙ୍ଗୀ ଇତ୍ୟାଦି) ବର୍ଗର ସଦସ୍ୟମାନଙ୍କ ପ୍ରତି ତାଙ୍କର ଉଦାର ତଥା ସଂବେଦନଶୀଳ ମନୋଭାବ ସଂଘର ଅନେକ ସଦସ୍ୟଙ୍କ ସକାଶେ ପସନ୍ଦଯୋଗ୍ୟ ହୋଇ ନ ଥିବ ! ସୁତରାଂ, ପ୍ରଶ୍ନ ଉଠିଥାଏ ଯେ ମିଖାଇଲ ଗୋର୍ବାଚଭଙ୍କ 'ପେରେସ୍ତ୍ରୋଇକା' ଓ 'ଗ୍ଲାସନଷ୍ଟ' ଭଳି ମୋହନ ଭାଗବତଙ୍କ ଆଭିମୁଖ୍ୟରେ କ'ଣ ସଂସ୍କାରର ସୂଚନା ମିଳିଥାଏ ? ନା ଏଥିରେ ନିହିତ ଅଛି ଏକ ପଦ୍ଧତି, ଯାହା ସ୍ଥିତିକୁ ନିୟନ୍ତ୍ରଣାଧୀନ କରିବାକୁ ଆବଶ୍ୟକ ହୋଇଥାଏ ? ପ୍ରକାଶ ଥାଉ କି କୌଣସି ନାମୋଲ୍ଲେଖ କରା ନ ଯାଇ, କେବଳ ଇଙ୍ଗିତଧର୍ମୀ ବକ୍ତବ୍ୟ ମାଧ୍ୟମରେ, ମୋହନ ଭାଗବତଙ୍କ ଦ୍ୱାରା 'ଏକମାତ୍ର ନେତାଙ୍କ ମହିମା ଗାନ' କିମ୍ବା 'ନେତାଙ୍କ ଅହଙ୍କାର' ଅଥବା 'ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନରେ କ୍ଷମତାସୀନ ନେତାଙ୍କ ବିଫଳତା' ଇତ୍ୟାଦି ଭଳି ବିଷୟର ଅବତାରଣା କରାଯାଉଛି ।

# ସେବା ଓ ସେବକ ସଂସ୍କାର ପ୍ରସଙ୍ଗ

## ଜାନକୀଶ ବଡ଼ପଣ୍ଡା

ଶ୍ରୀଜଗନ୍ନାଥ ମନ୍ଦିରରେ କାର୍ଯ୍ୟରତ ସେବକମାନେ ଶ୍ରୀମନ୍ଦିରର ପ୍ରାଚୀନ ପରମ୍ପରା, ନୀତି ଓ ସେବାର ଧାରକ । ସେମାନଙ୍କ ସେବା, ଆଚରଣ ଓ ଶୃଙ୍ଖଳାର ଉନ୍ନତି ପାଇଁ ସ୍ୱାଧୀନତା ପରଠାରୁ ବିଭିନ୍ନ ସମୟରେ ସରକାର, ମନ୍ଦିର ପ୍ରଶାସନ ଓ ବିଭିନ୍ନ କମିଟି ପଦକ୍ଷେପ ଗ୍ରହଣ କରିଛନ୍ତି । ୧୯୫୨ ମସିହାରେ ଓଡ଼ିଶା ସରକାର ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାରର ଆବଶ୍ୟକତା ଅନୁଭବ କରି ସତ୍ୱଲିପି ଏବଂ ୧୯୫୫ରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ସେବାୟତଙ୍କ ଅଧିକାର, କର୍ତ୍ତବ୍ୟ ଓ ପ୍ରଶାସନିକ ନିୟନ୍ତ୍ରଣର ଆଇନଗତ ଭିତି ସୃଷ୍ଟି କଲା । ପରବର୍ତ୍ତୀ ତିନି ଦଶକ ମଧ୍ୟରେ ସେବକମାନଙ୍କୁ ପରିଚୟପତ୍ର, ସେବାର ତାଲିକା, ନୀତି ପାଳନ, ଶୃଙ୍ଖଳା ଓ ସେବାର ନଥିକରଣ ଉପରେ ବିଭିନ୍ନ ପଦକ୍ଷେପ ନିଯୋଗମାନଙ୍କ ସହ ଆଲୋଚନା ମାଧ୍ୟମରେ ଗ୍ରହଣ କରାଯାଇଥିଲା । ୧୯୯୬ରେ ମନ୍ଦିର ପରିଚାଳନାରେ ସୁଧାର, ନୀତିର ସମୟାନୁବର୍ତ୍ତିତା, ସେବାୟତଙ୍କ ଉତ୍ତରଦାୟିତ୍ୱ ଓ ପ୍ରଶିକ୍ଷଣ ଉପରେ ରଘୁନାଥ ସାହୁ କମିଟି ସୁପାରିସ କରିଥିଲେ । ୨୦୦୫ରେ ନ୍ୟାୟମୂର୍ତ୍ତି ବି. ପି. ଦାସ ସଂସ୍କାର କମିଶନ ସେବକଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ, ଆଚରଣବିଧି, ସେବାର ମୂଲ୍ୟାଙ୍କନ, ଭକ୍ତଙ୍କ ସହ ସଦ୍‌ବ୍ୟବହାର, ସାମାଜିକ ସୁରକ୍ଷା ଓ ଆଧୁନିକ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲେ । ଏଥିରୁ ଅନ୍ତତଃ ଗୋଟିଏ କଥା ସ୍ପଷ୍ଟ ଯେ, କିଛି ବିଶୃଙ୍ଖଳିତ ସେବକଙ୍କ କାରଣରୁ ଶ୍ରୀଜଗନ୍ନାଥଙ୍କ ସେବା, ପୂଜା, ନୀତି ପାଳନର ମାନ ହ୍ରାସ ପାଇଆସୁଛି, ଯେଉଁଥିପାଇଁ ସଂସ୍କାର ଆବଶ୍ୟକ । ୧୫୬୮ ମସିହାରେ କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କଲାବେଳେ ଶ୍ରୀବିଗ୍ରହମାନଙ୍କୁ ସେବାୟତମାନେ ସୁରକ୍ଷିତ ସ୍ଥାନକୁ ନେଇଯାଇଥିବାରୁ ନୀତି ପାଳନ କିଛି ଦିନ ପାଇଁ ବ୍ୟାହତ ହୋଇଥିଲା । ପରେ ରାମଚନ୍ଦ୍ର ଦେବ (ପ୍ରଥମ)ଙ୍କ ସମୟରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମପଦାର୍ଥ ଉଦ୍ଧାର କରାଯାଇ ୧୫୭୫ ମସିହାରେ ନୂତନ ଦାରୁବିଗ୍ରହ ନିର୍ମାଣ ତଥା ପୁନଃପ୍ରତିଷ୍ଠା କରାଗଲା ପରେ ନିୟମିତ ନୀତି ଓ ପୂଜା ଆରମ୍ଭ ହୋଇଥିଲା । ୧୫୬୮ରୁ ୧୭୪୮ ଯାଏଁ ପ୍ରାୟ ୧୮୦ ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ବିଦେଶୀ ଆକ୍ରମଣ ଯୋଗୁଁ ଶ୍ରୀବିଗ୍ରହଙ୍କୁ ଅନେକ ଥର ମନ୍ଦିରରୁ ସ୍ଥାନାନ୍ତର କରିବାକୁ ପଡ଼ିଥିଲେ ମଧ୍ୟ ସେବକମାନେ ଶ୍ରୀବିଗ୍ରହଙ୍କ ସେବାପୂଜା ସୁରକ୍ଷିତ ସ୍ଥାନରେ ଅବ୍ୟାହତ ରଖିଥିଲେ; ଯଦିଓ କିଛି ସମୟ ପାଇଁ ନୀତି ବ୍ୟାହତ ହୋଇଥିଲା । ସେବକମାନେ ଯେ ବଂଶାନୁକ୍ରମିକ ଭାବେ ବହୁ ପିଢ଼ି ଧରି ସମର୍ପିତ, ନିଷ୍ଠାପର ସେବା କରି ଚାଲିଛନ୍ତି, ତାହାର ଉଲ୍ଲେଖ ଇତିହାସରେ ରହିଛି । ଏଠାରେ ଏହା ମଧ୍ୟ ସ୍ପଷ୍ଟ କରିଦେବା ଆବଶ୍ୟକ ଯେ, ସେମାନଙ୍କୁ ଶୃଙ୍ଖଳିତ କରିବାର ଉପକ୍ରମ ହେଲେ, ସେମାନେ ସେବାପୂଜାରେ ଅସହଯୋଗ କରିପାରନ୍ତି, ଯାହା ସମସ୍ତଙ୍କୁ ଧୈର୍ଯ୍ୟର ସହିତ ସହିବାକୁ ପଡ଼ିବ । ଶ୍ରୀମନ୍ଦିରରେ ଯେହେତୁ ସେବା, ପୂଜା ପ୍ରଦାନ କୌଳିକ ବୃତ୍ତି, ତେଣୁ ପ୍ରତ୍ୟେକ ପିଢ଼ିରେ ଉତ୍ତରାଧିକାରୀ ବଢ଼ିବା ସ୍ୱାଭାବିକ । ସେଥିପାଇଁ ବଂଶାନୁକ୍ରମିକ ସେବା ଯୋଗାଉଥିବା ସେବକଙ୍କ ସଂଖ୍ୟା ଅସୀମିତ ହୋଇଯାଇଛି । ଏହା କେବଳ ପ୍ରଶାସନିକ ନୁହେଁ, ବରଂ ପରମ୍ପରା, ସେବା ଅଧିକାର ଓ ଜୀବିକା ସହ ଜଡ଼ିତ ହୋଇଥିବାରୁ, ଆଲୋଚିତ ହୁଏ ନାହିଁ । ଅନେକ ସମୟରେ ସେବକ-ପ୍ରପୀଡ଼ିତ ଶ୍ରଦ୍ଧାଳୁ ଅତିଷ୍ଠ ହେଲେହେଁ ନିରବ ରହୁଥିବାରୁ ପ୍ରଶାସନ ମଧ୍ୟ କାର୍ଯ୍ୟାନୁଷ୍ଠାନ କରନ୍ତି ନାହିଁ । ଏ ସମ୍ପର୍କରେ କିଛି ବିଶିଷ୍ଟ ସେବକଙ୍କ ମତ ଲୋଡ଼ିଥିଲୁ । ସେମାନଙ୍କ ସ୍ପଷ୍ଟ ମତ ଯେ, ଅନେକ ସେବକ ଶିଳମନସ୍କ ହୋଇ ନଥିବାରୁ ଅଯଥାରେ ଅସଭ୍ୟ ଭାଷାରେ ବୋଲିବାଣି କରନ୍ତି । ଯଦି ସରକାର କଠୋର ଆଇନ କାର୍ଯ୍ୟକାରୀ କରିବାକୁ ସାହସ କରନ୍ତେ, ସାମୟିକ ପ୍ରତିକ୍ରିୟା ଦେଖାଦେଲେ ମଧ୍ୟ କିଛି ମାସ ମଧ୍ୟରେ ଅମାନିଆ ସେବକଙ୍କୁ ଶୃଙ୍ଖଳିତ କରିହେବ ଏବଂ ଅଧିକୃତ ସେବକ ସଂଖ୍ୟାକୁ ସୀମିତ କରାଯାଇ ପାରିବ । ନୀତି, ସେବା ଓ ପୂଜା ସୁଚାରୁ ଭାବେ ପରିଚାଳନା ପାଇଁ ପାରମ୍ପରିକ ୧୧୯ ପ୍ରକାର ସେବା ମଧ୍ୟରୁ ସଂଖ୍ୟା କ୍ରମଶଃ କମି ଏବେ ୧୦୦ରେ ପହଚିଂଲାଣି । ଏହି ସେବାଗୁଡ଼ିକୁ ସାଧାରଣତଃ 'ଛତିଶା ନିଯୋଗ' ବ୍ୟବସ୍ଥା ଅଧୀନରେ ସଂଗଠିତ କରାଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବିଭିନ୍ନ ନିଯୋଗର ନେତୃମଣ୍ଡଳୀଙ୍କ ସହ ବାରମ୍ବାର ଆଲୋଚନା କରି, ସେମାନଙ୍କ ସହମତିରେ ପ୍ରତ୍ୟେକ ନିଯୋଗରେ ଥିବା ସେବକ ତାଲିକାକୁ ପ୍ରତ୍ୟେକ ବର୍ଷ ନବୀକରଣ କରି ପାରିବେ । ଏଥିରୁ, ପ୍ରତ୍ୟେକ ନିଯୋଗର ପ୍ରକୃତ ଓ ସକ୍ରିୟ ସେବକଙ୍କ ବଂଶଲିପି ଏବଂ ଡିଜିଟାଲ ତାଲିକା ପ୍ରସ୍ତୁତ ହୋଇପାରିବ । ଶହେ ବର୍ଷ ତଳେ ଶ୍ରୀମନ୍ଦିରରେ କାର୍ଯ୍ୟରତ ଥିବା ସେବକଙ୍କ ସଂଖ୍ୟା ଏବଂ ଏବେ ପ୍ରକୃତ ଆବଶ୍ୟକ ହେଉଥିବା ସେବକଙ୍କ ସଂଖ୍ୟା ମଧ୍ୟରେ ଯାହା ସର୍ବନିମ୍ନ, କେବଳ ସେତିକି ସଂଖ୍ୟକ ସେବକଙ୍କୁ ଅଧିକୃତ ସେବକ ଭାବେ ଗ୍ରହଣ କରାଯିବା ଉଚିତ । ଅନ୍ୟମାନଙ୍କୁ 'ଅପେକ୍ଷାମାଣ ତାଲିକା'ରେ ରଖାଯାଇପାରେ । ଯେଉଁ ସେବାରେ ଅଧିକ ସେବକ ଉପଲବ୍ଧ ଅଛନ୍ତି, ସେଠାରେ ପାଳି ଅନୁଯାୟୀ ସେବା କରିବାର ବ୍ୟବସ୍ଥା ବନ୍ଦ ହେବା ଆବଶ୍ୟକ । ପ୍ରକାର ଭେଦରେ ଅଧିକୃତ ସେବକମାନଙ୍କୁ ବଂଶାନୁକ୍ରମିକ ସେବା ଓ ନୀତି ଅଧିକାର ସହିତ ତାହାର ନିୟମ, ଆଚାର, ବିଚାର, ଉଚ୍ଚାରଣ, ଆଚରଣ ଓ ଦକ୍ଷତା ଉପରେ ପ୍ରଶିକ୍ଷଣ ଓ ପରୀକ୍ଷା ବ୍ୟବସ୍ଥା କଡ଼ାକଡ଼ି ଭାବେ ପାଳନ କରାଯିବା ଆବଶ୍ୟକ । ସମସ୍ତ ନିଯୋଗ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପରିଚାଳନା କମିଟି, ରାଜ୍ୟ ସରକାର ଓ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ସଭାପତି ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହମତିରେ ସମ୍ପର୍କିତ ଆଇନରେ ସଂଶୋଧନ କରାଯାଇ 'ଅପେକ୍ଷାମାଣ ତାଲିକା'ରେ ସ୍ଥାନିତ ସେବକଙ୍କ ପାଇଁ ଆଜୀବନ ଅବସରଭତା ବ୍ୟବସ୍ଥା ହେବା ଦରକାର । ବିକଳ୍ପ ଜୀବିକା ପାଇଁ ସେମାନଙ୍କୁ କୌଶଳ ବିକାଶ, ଶିକ୍ଷା ଓ ସୁଯୋଗ ଦେବା ଦରକାର । ଫଳରେ, ସେମାନେ ରୋଜଗାରକ୍ଷମ ହୋଇ ପାରିବେ । ସେମାନଙ୍କ ପରିବାରର କେହିବି ସମର୍ଥ ସଦସ୍ୟ ପରବର୍ତ୍ତୀ କାଳରେ ସେବା ଅଧିକାର ପାଇବାର ବ୍ୟବସ୍ଥା ରହିବା ଆବଶ୍ୟକ । ସେବକଙ୍କ ବଂଶାନୁକ୍ରମିକ ଅଧିକାରକୁ ସମ୍ମାନ ଦେଇ ସକ୍ରିୟ ସେବା କରୁଥିବା ଅଧିକୃତ ସେବକଙ୍କ ସଂଖ୍ୟାକୁ ସୀମିତ ରଖିବା ଏକ ଆଦର୍ଶ ପ୍ରଶାସନିକ ପଦକ୍ଷେପ । ଏଥିରେ ସେବା ମାନ ବଢ଼ିବ, ପରମ୍ପରା ଅକ୍ଷୁଣ୍ଣ ରହିବ । ଯଦିଓ ଶ୍ରୀଜଗନ୍ନାଥଙ୍କ ସେବା ଏକ କୌଳିକ ଓ ଧାର୍ମିକ ପରମ୍ପରା ଏବଂ ସେବକମାନେ ଶୈଶବରୁ ପରିବାରର ମୁରବିଙ୍କଠାରୁ ପ୍ରଶିକ୍ଷଣ ନେଇ ଥାଆନ୍ତି, ତଥାପି ସେମାନଙ୍କର ନ୍ୟୂନତମ ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ । ଫଳରେ ଓଡ଼ିଆ, ସଂସ୍କୃତ ଭାଷା ତଥା 'ନିଳାଦ୍ରୀ ମହୋଦୟ' ଉପରେ ଜ୍ଞାନାର୍ଜନ ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିରର ନୀତିକାନ୍ତି ଓ ସେବା ପ୍ରଣାଳୀରେ ପ୍ରଶିକ୍ଷଣ ସହଜ ହେବ । ସେମାନଙ୍କର ଶାରୀରିକ ଓ ମାନସିକ ଭାବେ ସେବା କରିବାର କ୍ଷମତା ରହିବା ଆବଶ୍ୟକ । ବାସ୍ତବବାଦୀ ସେବକ ସଂଖ୍ୟା ନିର୍ଦ୍ଧାରଣ, ପଦ ଖାଲି ହେବା ମାତ୍ରେ ନୂତନ ସେବକଙ୍କୁ ସକ୍ରିୟ ସେବାରେ ନିଯୁକ୍ତି ଏବଂ ପ୍ରଶିକ୍ଷଣ ଓ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ବାଧ୍ୟତାମୂଳକ କରିବା ଜରୁରି । ପ୍ରଶିକ୍ଷଣ ପାଇଁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଓ ମୁକ୍ତିମଣ୍ଡପ ପଣ୍ଡିତଙ୍କ ପକ୍ଷରୁ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଉଚିତ । ଏହି ପଦ୍ଧତିରେ ପରମ୍ପରା ସୁରକ୍ଷିତ ରହିବ ଏବଂ ସେବାୟତଙ୍କ ସଂଖ୍ୟା ମଧ୍ୟ ସୁବ୍ୟବସ୍ଥିତ ଭାବରେ ନିୟନ୍ତ୍ରିତ ହୋଇପାରିବ । କିଛି ସେବକ ବ୍ୟବସାୟ, ସରକାରୀ, ବେସରକାରୀ ଚାକିରି କରୁଥିଲେ ମଧ୍ୟ କୌଳିକ ବୃତ୍ତି ବଜାୟ ରଖିବା ପାଇଁ ପାଳି ଅନୁସାରେ ପାରମ୍ପରିକ ସେବା ପ୍ରଦାନ କରୁଛନ୍ତି । ଅନ୍ୟମାନେ, ଜୀବିକା ନିର୍ବାହ ପାଇଁ ଆଜୀବନ ସେବକ ଭାବେ କାର୍ଯ୍ୟ କରୁଛନ୍ତି । ଚାକିରି ବା ଅନ୍ୟ ସୂତ୍ରରୁ ରୋଜଗାର କରୁଥିବା ସେବକମାନଙ୍କୁ ପାଳି ସେବାରୁ ନିବୃତ୍ତ କରାଗଲେ ସେବକ ସଂଖ୍ୟା ନିୟନ୍ତ୍ରିତ ହେବ । ସେବକ ଅଧିକାରରୁ ବଚିଂତ ସଦସ୍ୟମାନେ ଅଣସେବକ ବୋଲାଇବେ । ସେବକ ବଂଶରେ ଜନ୍ମିତ ଉଭୟ ଅଧିକୃତ ଓ ଅନଧିକୃତ ସଦସ୍ୟଙ୍କ ସନ୍ତାନମାନେ ଯେଭଳି ଉଚ୍ଚଶିକ୍ଷା ପାଇ ପାରିବେ, ପରିବାରବର୍ଗ ମାଗଣା ସ୍ୱାସ୍ଥ୍ୟ ବୀମା ଏବଂ ଗୃହ ନିର୍ମାଣ ସହାୟତା ପାଇବେ ତାହାର ବ୍ୟବସ୍ଥା କରାଯିବା ଆବଶ୍ୟକ । ଖୁସିର କଥା ଯେ, ଚଳିତ ରଥଯାତ୍ରା ଦିନ ଡିଜିଟାଲ୍ ଦାନ ଓ ଇ-ଡୋନେସନ୍ ମାଧ୍ୟମରେ ଦାନ ଗ୍ରହଣ ବ୍ୟବସ୍ଥା ଆରମ୍ଭ ହୋଇଛି । ଶ୍ରଦ୍ଧାଳୁମାନେ ଦେଉଥିବା ଯେକୌଣସି ଦାନର ଡିଜିଟାଲ୍ ରସିଦ ପ୍ରଶାସନ ପକ୍ଷରୁ ଦିଆଯାଇ ତାହାର ଏକ ନିର୍ଦ୍ଦିଷ୍ଟ ଅଂଶ ଅଧିକୃତ ସେବକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦିଆଗଲେ, ସେମାନେ ଅଧିକ ଦାୟିତ୍ୱବାନ୍ ହୋଇ ସମସ୍ତ ନୀତି ଶୃଙ୍ଖଳିତ ଭାବେ ନିର୍ବାହ କରିବେ । ସେବକମାନଙ୍କୁ ପ୍ରଦାନ କରାଯାଉଥିବା ପାଳିଆ ପୁରସ୍କାର, ଖେଇ ତଥା ବିଭିନ୍ନ ପ୍ରକାର ପ୍ରୋତ୍ସାହନ ରାଶି ବିଷୟରେ ସର୍ବସାଧାରଣଙ୍କୁ ଅବଗତ କରାଗଲେ, ପ୍ରଶାସନ ମଧ୍ୟ ତୁଷ୍ଟୀକରଣ ମାଧ୍ୟମରେ ବିଲେଇକୁ ହାତ କାମୁଡ଼ା ଶିଖାଇବେ ନାହିଁ । ଶ୍ରୀମନ୍ଦିରର ସେବାରେ 'ଗଜପତି' ମଧ୍ୟ ବଂଶାନୁକ୍ରମେ ଆଦ୍ୟସେବକ । ତାଙ୍କର ଭାଇ ଓ ବଂଶଜମାନେ ଗଜପତିଙ୍କ ସହିତ ପାଳିକରି ମହାପ୍ରଭୁଙ୍କର ସେବା କରନ୍ତି ନାହିଁ । ଗଜପତିଙ୍କ ଅନୁପସ୍ଥିତିରେ ମୁଦିରସ୍ତ ସେବକ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ସଂଖ୍ୟା ମଧ୍ୟ ଏକ, ଯାହା ବଂଶାନୁକ୍ରମିକ ନୁହେଁ । ମୁଖ୍ୟ ପାଟଯୋଷୀ ମହାପାତ୍ର (ଛତିଶା ନିଯୋଗ ନାୟକ) ପଦରେ କେବଳ ଜଣେ ହିଁ ମୁଖ୍ୟ ସେବକ ରହନ୍ତି । ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ଏହି ବଂଶାନୁକ୍ରମିକ ସେବାର ମୁଖ୍ୟ ଦାୟିତ୍ୱ ପରିବାରର ଜଣେ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ ଥାଏ । ଏହି ସମସ୍ତ ଉଦାହରଣରୁ ଏହା ସ୍ପଷ୍ଟ ଯେ, ଆବଶ୍ୟକତା ଅନୁସାରେ ମଧ୍ୟ ସେବକଙ୍କ ସଂଖ୍ୟା ନିୟନ୍ତ୍ରିତ କରାଯାଇ ପାରିବ । ଫଳରେ, ସମସ୍ତ ନୀତି ସୁଚାରୁ ରୂପେ ସମ୍ପନ୍ନ ହେବ । କେବଳ ଅଧିକୃତ ସେବକ ମନ୍ଦିର ପରିସରରେ ଓ ରଥ ଉପରେ ଦୃଶ୍ୟମାନ ହେବେ ଏବଂ ଠାକୁରଙ୍କୁ ଆଢୁଆଳରେ ରଖି ନିଜକୁ ବିଜ୍ଞାପିତ କରିପାରିବେ ନାହିଁ । ଅଧିକ ଶ୍ରଦ୍ଧାଳୁ କମ୍ ସମୟରେ ବାଧାହୀନ ଦେବଦର୍ଶନ କରି ତୃପ୍ତ ହେବେ । ଆଶା, ନିଯୋଗର ସଦସ୍ୟ ତଥା ପ୍ରଶାସନିକ କଳ ଏଥିପ୍ରତି ଧ୍ୟାନ ଦେବେ ଏବଂ ସାହସ ପ୍ରଦର୍ଶନ କରି ଆବଶ୍ୟକ ପରାମର୍ଶ କାର୍ଯ୍ୟକାରୀ କରିବେ ।

# ସ୍ରଷ୍ଟା ଓ ସୃଷ୍ଟି : ଏକ ନୈତିକ ବ୍ୟାଖ୍ୟାନ

ସ୍ରଷ୍ଟା ଏବଂ ସୃଷ୍ଟି ମଧ୍ୟରେ ଥିବା ସଂପର୍କ ଭାରତୀୟ ଦର୍ଶନର ସବୁଠାରୁ ଗଭୀର ଓ ଚିରନ୍ତନ ଜିଜ୍ଞାସା । ବୈଦିକ ଓ ଉପନିଷଦୀୟ ଦର୍ଶନରେ ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଥିବା ସଂପର୍କ କେବଳ ଏକ ବୈଜ୍ଞାନିକ ବା ଭୌତିକ ପ୍ରଶ୍ନ ନୁହେଁ, ବରଂ ଏହା ଏକ ନୈତିକ ଏବଂ ଦାର୍ଶନିକ ଆଲୋଚନା । ବେଦରେ ସୃଷ୍ଟିର ପ୍ରାରମ୍ଭକୁ ନେଇ କୌତୁହଳ ଏବଂ ସ୍ରଷ୍ଟାଙ୍କ ସ୍ୱରୂପକୁ ନେଇ ଗଭୀର ଚିନ୍ତନ ରହିଛି । ବିଶେଷକରି ରଗ ବେଦରେ ଦୁଇଟି ସୂକ୍ତ ଏଥିପାଇଁ ପ୍ରସିଦ୍ଧ ଯଥା- ନାସଦୀୟ ସୂକ୍ତ ଏବଂ ପୁରୁଷ ସୂକ୍ତ । ନାସଦୀୟ ସୂକ୍ତ ହେଉଛି, ସୃଷ୍ଟି ବିଜ୍ଞାନର ସବୁଠାରୁ ପ୍ରାଚୀନ ଓ ଦାର୍ଶନିକ ସୂକ୍ତ । ଏଥିରେ କୁହାଯାଇଛି ଯେ, ସୃଷ୍ଟି ପୂର୍ବରୁ ନା ସତ୍ ? (ଅସ୍ତିତ୍ୱ) ଥିଲା ନା ଅସତ୍ (ଅନସ୍ତିତ୍ୱ) ଥିଲା, ଶୂନ୍ୟତା ମଧ୍ୟରେ କେବଳ ସେହି ଏକମାତ୍ର ତନ୍ତ୍ୱ ନିଜ ଶକ୍ତିରେ ସ୍ପନ୍ଦିତ ହେଉଥିଲେ । ସୃଷ୍ଟି କେମିତି ହେଲା ସେକଥା ବୋଧହୁଏ ସ୍ୱର୍ଗରେ ଥିବା ପରମ ଅଧ୍ୟକ୍ଷ ଜାଣନ୍ତି କିମ୍ବା ସେ ବି ଜାଣିନଥାଇ ପାରନ୍ତି । ଏହି ସନ୍ଦେହବାଦ ଦର୍ଶାଏ ଯେ, ସ୍ରଷ୍ଟା ଓ ସୃଷ୍ଟି ମାନସିକ ଚିନ୍ତନର ବହୁ ଉର୍ଦ୍ଧ୍ୱରେ । ପୁରୁଷ ସୂକ୍ତ ଅନୁସାରେ, ସ୍ରଷ୍ଟାଙ୍କୁ ବିଶ୍ୱପୁରୁଷ ଭାବେ ବର୍ଣ୍ଣନା କରାଯାଇଛି । ସେହି ପରମ ପୁରୁଷଙ୍କ ବ୍ରହ୍ମାଣ୍ଡୀୟ ଯଜ୍ଞରୁ ହିଁ ସମଗ୍ର ସୃଷ୍ଟି, ଚନ୍ଦ୍ର, ସୂର୍ଯ୍ୟ, ବାୟୁ ଓ ମାନବ ସମାଜର ଜନ୍ମ । ଅର୍ଥାତ୍ ସ୍ରଷ୍ଟା କେବଳ ବାହାରେ ନାହାନ୍ତି, ସେ ନିଜେ ହିଁ ସୃଷ୍ଟି ରୂପରେ ରୂପାନ୍ତରିତ ହୋଇଛନ୍ତି । ରଗ ବେଦର ମୂଳମନ୍ତ୍ର 'ଏକଂ ସହ ବିପ୍ରା ବହୁଦା ବଦନ୍ତି', ଅର୍ଥାତ୍ ?- ସ୍ରଷ୍ଟା ବା ସତ୍ୟ ଏକ, କିନ୍ତୁ ଜ୍ଞାନୀମାନେ ତାକୁ ଭିନ୍ନ ଭିନ୍ନ ନାମରେ ଡାକନ୍ତି । ଉପନିଷଦ ବେଦର ଏହି ଚିନ୍ତାଧାରାକୁ ଆହୁରି ଆଗକୁ ନେଇ କହେ ଯେ, ସ୍ରଷ୍ଟା ହେଉଛନ୍ତି ବ୍ରହ୍ମ ଏବଂ ସୃଷ୍ଟି ହେଉଛି ତାଙ୍କର ହିଁ ପ୍ରକାଶ । ଛାନ୍ଦୋଗ୍ୟ ଉପନିଷଦରେ ଉଲ୍ଲେଖ ଅଛି 'ସର୍ବଂ ଖଲ୍ୱିଦଂ ବ୍ରହ୍ମ, ଅର୍ଥାତ୍- ଏହି ସଂସାରରେ ଯାହା କିଛି ଅଛି ସବୁ ସେହି ବ୍ରହ୍ମ ବା ପରମାତ୍ମା । ଉପନିଷଦ ଏକ ସୁନ୍ଦର ଉଦାହରଣର ଅବତାରଣା କରେ । ଯେପରି ଗୋଟିଏ ବୁଢ଼ିଆଣୀ ନିଜ ଭିତରୁ ଲାଳ ବାହାର କରି ଜାଲ ବୁଣେ (ସୃଷ୍ଟି କରେ) ଏବଂ ପୁଣି ତାକୁ ନିଜ ଭିତରକୁ ସଂହାର କରିନିଏ, ସେହିପରି ସ୍ରଷ୍ଟା ନିଜ ଭିତରୁ ହିଁ ସୃଷ୍ଟିର ବିସ୍ତାର କରନ୍ତି । ଏଠାରେ ସ୍ରଷ୍ଟା ହେଉଛନ୍ତି ଉଭୟ ଉପାଦାନ, କାରଣ ଯେଉଁଥିରେ ସୃଷ୍ଟି ତିଆରି ଏବଂ ନିମିତ କାରଣ ଯିଏ ସୃଷ୍ଟି କରିଛନ୍ତି । ଏହି ବୈଦିକ ବିଚାରଧାରାରୁ କେତେକ ଗୁରୁତ୍ୱପୂର୍ଣ୍ଣ ନୈତିକ ଏବଂ ଆଧ୍ୟାତ୍ମିକ ନିଷ୍କର୍ମ ବାହାରିଥାଏ, ଯଥା- ପରିବେଶ ଓ ସର୍ବଜୀବ ସମାନତା ଏବଂ କର୍ମ ଓ ସ୍ୱାଧୀନ ଇଚ୍ଛା । ଯଦି ସ୍ରଷ୍ଟା ନିଜେ ହିଁ ସୃଷ୍ଟିର ପ୍ରତିଟି କଣିକାରେ ବିଦ୍ୟମାନ, ତେବେ ଗଛଲତା, ପଶୁପକ୍ଷୀ, ନଦୀ, ପାହାଡ଼ ଓ ମଣିଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଈଶାବାସ୍ୟ ଉପନିଷଦର ପ୍ରଥମ ମନ୍ତ୍ର କହେ- ଈଶା ବାସ୍ୟ ମିଦଂ ସର୍ବ ଯତ୍ ?କିଁଂ ତ ଜଗତ୍ୟାଂ ଜଗତଃ । ଅର୍ଥାତ୍ ?- ଏହି ଗତିଶୀଳ ସଂସାରରେ ଯାହାକିଛି ଅଛି ସବୁକିଛି ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ । ତେଣୁ ପ୍ରକୃତିକୁ ଉପଭୋଗ କର, କିନ୍ତୁ ତ୍ୟାଗ ଭାବ ସହିତ ଆଉ କାହାର ଅଧିକାର ଅପହରଣ ନକରି । ଏହା ଆଜିର ପରିବେଶ ସୁରକ୍ଷା ପାଇଁ ସବୁଠାରୁ ବଡ଼ ନୈତିକ ଶିକ୍ଷା । ପୁନଶ୍ଚ, ଯଦି ସ୍ରଷ୍ଟା ସବୁକିଛି ନିୟନ୍ତ୍ରଣ କରୁଛନ୍ତି ତେବେ ମନୁଷ୍ୟର ପାପ ପୁଣ୍ୟ ପାଇଁ ଦାୟୀ କିଏ ? ବେଦ କହେ- ସ୍ରଷ୍ଟା ମନୁଷ୍ୟକୁ ବିବେକ ଓ କର୍ମର ସ୍ୱାଧୀନତା ଦେଇଛନ୍ତି । ସ୍ରଷ୍ଟା ହେଉଛନ୍ତି ଜଣେ ନିରପେକ୍ଷ ନ୍ୟାୟାଧୀଶ (କର୍ମ ଫଳଦାତା) । ସୃଷ୍ଟିର ନିୟମ ବା ରୀତି ଅନୁଯାୟୀ ପ୍ରତିଟି କର୍ମର ଫଳ ମିଳିଥାଏ । ତେଣୁ ନୈତିକ ଭାବେ ଜୀବନ ଜିଇଁବା ହିଁ ମନୁଷ୍ୟର ନିଜସ୍ୱ ଦାୟିତ୍ୱ । ଭାଗବତ ଗୀତା ସ୍ରଷ୍ଟା ଓ ସୃଷ୍ଟିର ସଂପର୍କକୁ ଅତି ସହଜ ଏବଂ ବ୍ୟବହାରିକ ଭାବେ ଉପସ୍ଥାପନ କରାଯାଇଛି । ଏଠାରେ ସ୍ରଷ୍ଟା କେବଳ ନିର୍ଗୁଣ ନୁହଁନ୍ତି ସେ ସଗୁଣ ଈଶ୍ୱର ମଧ୍ୟ । ଭାଗବତ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ, ତାଙ୍କର ଦୁଇଟି ପ୍ରକୃତି ଅଛି: ଅପରା ପ୍ରକୃତି (ଅଷ୍ଟଧା ପ୍ରକୃତି) ଯଥା- ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର ଯାହାଦ୍ୱାରା ଜଡ଼ ସୃଷ୍ଟି ହୋଇଛି ଏବଂ ପରା ପ୍ରକୃତି (ଜୀବଭୂତା) ଯାହାଦ୍ୱାରା ସମଗ୍ର ସୃଷ୍ଟି ଚେତନାରେ ପରିଚାଳିତ । ବିଜ୍ଞାନ ଜଗତର ଏକ ବଡ଼ ଗୋଷ୍ଠୀ ଏବଂ ଆଧୁନିକ ମାନବବାଦୀମାନେ ସ୍ରଷ୍ଟାଙ୍କ ଅସ୍ତିତ୍ୱକୁ କାଳ୍ପନିକ ବୋଲି କହିଛନ୍ତି । ଆଧୁନିକ ବିଜ୍ଞାନ ଅନୁସାରେ, ସୃଷ୍ଟି ପାଇଁ କୌଣସି ଜୀବନ୍ତ କିମ୍ବା ବ୍ୟକ୍ତିଗତ ସ୍ରଷ୍ଟାଙ୍କ ଆବଶ୍ୟକ ନାହିଁ । ବିଗ୍ ବ୍ୟାଙ୍ଗ ସିଦ୍ଧାନ୍ତ ଏବଂ ଡାରଉଇନଙ୍କ ବିବର୍ତ୍ତନବାଦ ଦର୍ଶାଏ ଯେ, ବ୍ରହ୍ମାଣ୍ଡ ଏବଂ ଜୀବନର ବିକାଶ କେତେକ ଭୌତିକ ନିୟମ ଏବଂ ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ଆପେ ଆପେ ହୋଇଛି । ପ୍ରାଚୀନ କାଳରେ ମନୁଷ୍ୟ ଯେତେବେଳେ ବଜ୍ରପାତ, ଭୂକମ୍ପ ବା ସୂର୍ଯ୍ୟୋଦୟର ବୈଜ୍ଞାନିକ କାରଣ ଜାଣିନଥିଲା ସେତେବେଳେ ସେ ଭୟ ଓ ଆଶ୍ଚର୍ଯ୍ୟରେ ଏକ ଅଦୃଶ୍ୟ ଶକ୍ତି ବା ସ୍ରଷ୍ଟାଙ୍କର କଳ୍ପନା କଲା, ଅର୍ଥାତ୍ ମନୁଷ୍ୟ ନିଜ ମନର ସ୍ଥିରତା ପାଇଁ ଭଗବାନଙ୍କୁ ଗଢ଼ିଛି, ଭଗବାନ ମନୁଷ୍ୟକୁ ଗଢ଼ିନାହାଁନ୍ତି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଯାହାକୁ ବିଜ୍ଞାନାଗାରରେ ପରୀକ୍ଷା କରାଯାଇ ପାରିବନାହିଁ ବା ଯାହାର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ ତାହା କେବଳ ଏକ ସାହିତ୍ୟିକ ବା ସାଂସ୍କୃତିକ କାହାଣୀ(ମିଥ୍) ମାତ୍ର । ସେମାନଙ୍କ ମତରେ ଆମ ବ୍ରହ୍ମାଣ୍ଡ ଏତେ ଶୃଙ୍ଖଳିତ ଯେ ଏହା ଆପଣାଛାଏଁ ହେବା ଅସମ୍ଭବ । ପୃଥିବୀରୁ ସୂର୍ଯ୍ୟର ଦୂରତା, ମାଧ୍ୟାକର୍ଷଣ ବଳର ନିର୍ଦ୍ଦିଷ୍ଟ ମାନ, କୋଷ(ସେଲ୍) ଭିତରେ ଥିବା ଡିଏନଏ'ର ଜଟିଳ କୋଡିଂ- ଏସବୁ ସୂଚାଇଦିଏ ଯେ ଏହି ମହାଜାଗତିକ କମ୍ପ୍ୟୁଟର ପଛରେ ଜଣେ ମହାନ୍ ? ପ୍ରୋଗ୍ରାମର ବା ସ୍ରଷ୍ଟା ଅଛନ୍ତି । ଆଧୁନିକ ପଦାର୍ଥ ବିଜ୍ଞାନ କହେ ଯେ, ଜଡ଼ ପଦାର୍ଥର ସବୁଠାରୁ ସୂକ୍ଷ୍ମ ରୂପ କେବଳ ଶକ୍ତି ବା ତରଙ୍ଗ । ଏହି ବିଶ୍ୱ ଏକ ମହାନ ଯନ୍ତ୍ର ନୁହେଁ ବରଂ ଏକ ମହାନ ବିଚାର ବା ଚେତନା, ଉପନିଷଦ ବର୍ଣ୍ଣିତ ବ୍ରହ୍ମ ହିଁ ସେହି ପରମ ଚେତନା, ଯାହା ସୃଷ୍ଟିର ପ୍ରକୃତ ସତ୍ୟ । ସ୍ରଷ୍ଟା ଓ ସୃଷ୍ଟିର ସଂପର୍କକୁ ନେଇ ଆମକୁ ନିମ୍ନୋକ୍ତ ଚାରିଟି ମୁଖ୍ୟ ସୂତ୍ର ଯଥା- ପ୍ରତୀକାତ୍ମକ ବ୍ୟାଖ୍ୟା, ଶକ୍ତିର ରୂପାନ୍ତରୀକରଣ, ଅଦ୍ୱୈତ ଦର୍ଶନ ଏବଂ ବ୍ୟକ୍ତିଗତ ଅନୁଭୂତିର ସତ୍ୟକୁ ବୁଝିବାକୁ ହେବ । ପୁରାଣରେ ବର୍ଣ୍ଣିତ ସ୍ରଷ୍ଟାଙ୍କ ବିଭିନ୍ନ ରୂପ (ଯେପରିକି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର)ଙ୍କୁ ବ୍ୟକ୍ତିଗତ ରୂପେ ନଦେଖି ସେଗୁଡ଼ିକୁ ପ୍ରକୃତିର ତିନିଟି ମୁଖ୍ୟ ପ୍ରକ୍ରିୟା: ସର୍ଜନା, ପାଳନ ଏବଂ ବିନାଶର ପ୍ରତୀକ ଭାବେ ଗ୍ରହଣ କଲେ କଳ୍ପନା ଓ ବାସ୍ତବତା ଏକ ହୋଇଯାଆନ୍ତି । ବିଜ୍ଞାନର ସବୁଠାରୁ ବଡ଼ ସତ୍ୟ ହେଉଛି ଶକ୍ତିର କେବେ ବିନାଶ ହୁଏନାହିଁ । ଏହା କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ବଦଳିଥାଏ । ଏହି ବିଜ୍ଞାନସମ୍ମତ ବାସ୍ତବତା ହିଁ ସ୍ରଷ୍ଟା ଓ ସୃଷ୍ଟିର ସହଜ ସମାଧାନ । ସ୍ରଷ୍ଟା ହେଉଛନ୍ତି ସେହି ମୂଳଶକ୍ତି ଏବଂ ସୃଷ୍ଟି ହେଉଛି ତାଙ୍କର ଦୃଶ୍ୟମାନ ରୂପ । ବିଜ୍ଞାନ ଯାହାକୁ ଶକ୍ତି କହୁଛି ଦର୍ଶନ ତାହାକୁ ସ୍ରଷ୍ଟା ବୋଲି ସମ୍ବୋଧନ କରୁଛି । ଆଦି ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ ଏହି ଦ୍ୱନ୍ଦ୍ୱର ସବୁଠାରୁ ସୁନ୍ଦର ସମାଧାନ ଦିଏ । ଏହା କହେ ଯେ, ସ୍ରଷ୍ଟା ଓ ସୃଷ୍ଟି ଦୁଇଟି ଅଲଗା ସତ୍ତା ନୁହଁନ୍ତି, ଦୁହେଁ ଏକ । ଯେପରି ସମୁଦ୍ରରୁ ଲହଡ଼ି ସୃଷ୍ଟି ହୁଏ । କିଛି ସମୟ ରହେ ଏବଂ ପୁଣି ସମୁଦ୍ରରେ ମିଶିଯାଏ । ଲହଡ଼ିର ନିଜର କୌଣସି ଅସ୍ତିତ୍ୱ ନାହିଁ, ତାହା କେବଳ ଜଳ । ଠିକ୍ ସେହିପରି ଆମେ ସମସ୍ତେ (ସୃଷ୍ଟି) ସେହି ପରମ ଚେତନା (ସ୍ରଷ୍ଟା)ଙ୍କର ଗୋଟିଏ ଗୋଟିଏ ଲହଡ଼ି । ଏହି ଦୃଷ୍ଟିକୋଣ ଆସିଗଲେ ସ୍ରଷ୍ଟା ବାହାରେ ଥିବା କୌଣସି କାଳ୍ପନିକ ବ୍ୟକ୍ତି ବୋଲି ମନେହୁଅନ୍ତି ନାହିଁ, ବରଂ ନିଜ ଭିତରେ ଥିବା ବାସ୍ତବତା ପାଲଟିଯାନ୍ତି । ପୁନଶ୍ଚ ବାହ୍ୟଜଗତ ପାଇଁ ଯାହା କଳ୍ପନା, ଜଣେ ସାଧକ ବା ମାନବପ୍ରେମୀ ପାଇଁ ତାହା ବାସ୍ତବତା, ଅନ୍ତରର ଗଭୀରତମ ଅନୁଭୂତି । ଯେତେବେଳେ ଆମେ ସୃଷ୍ଟିର ପ୍ରତ୍ୟେକ ଜୀବ ମଧ୍ୟରେ ସେହି ସ୍ରଷ୍ଟାଙ୍କ ଅଂଶକୁ ଦେଖି ସେମାନଙ୍କୁ ସେବା ଓ ପ୍ରେମ କରୁ ସେତେବେଳେ କୌଣସି ବାଦ ବିବାଦ ରହେନାହିଁ । ମାନବ ସେବା ହିଁ ମାଧବ ସେବା- ଏହି ଭାବନା ହିଁ ସ୍ରଷ୍ଟା ଓ ସୃଷ୍ଟିର ବିବାଦକୁ ବ୍ୟାବହାରିକ ସ୍ତରରେ ସମାଧାନ କରିଦିଏ । ଏଣୁ ସ୍ରଷ୍ଟାଙ୍କୁ ସୃଷ୍ଟି ବାହାରେ ନଖୋଜି ସୃଷ୍ଟି ମଧ୍ୟରେ ସ୍ରଷ୍ଟାଙ୍କୁ ଅନୁଭବ କରିବା । ଯେତେବେଳେ ଆମେ ବୁଝିଯିବା ଯେ, ପ୍ରକୃତିର ପ୍ରତିଟି କଣିକା, ପ୍ରତିଟି ଜୀବ ସେହି ଅଦୃଶ୍ୟ ଶକ୍ତିର ପ୍ରକାଶ ସେତେବେଳେ କଳ୍ପନା ଶେଷ ହୋଇଯାଏ ଏବଂ କେବଳ ପରମ ସତ୍ୟ ବା ବାସ୍ତବତା ହିଁ ରହିଯାଏ । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଯେ, ସ୍ରଷ୍ଟା ଓ ସୃଷ୍ଟି ଦୁଇଟି ପୃଥକ ଜିନିଷ ନୁହଁନ୍ତି । ସ୍ରଷ୍ଟା ହିଁ ନିଜେ ସୃଷ୍ଟି ରୂପରେ ଆତ୍ମପ୍ରକାଶ କରିଛନ୍ତି । ଏହା କୌଣସି ଅନ୍ଧବିଶ୍ୱାସ ବା ଭ୍ରମ ନୁହେଁ । ବରଂ ଏକ ଗଭୀର ବୈଜ୍ଞାନିକ ଓ ଆଧ୍ୟାତ୍ମିକ ସତ୍ୟ । ଯେତେବେଳେ ଆମେ ସୃଷ୍ଟି ମଧ୍ୟରେ ସ୍ରଷ୍ଟାକୁ ଏବଂ ସ୍ରଷ୍ଟାଙ୍କ ମଧ୍ୟରେ ସୃଷ୍ଟିକୁ ଦେଖିବାକୁ ଶିଖିଯାଉ, ସେତେବେଳେ ସମସ୍ତ ବିବାଦର ଅନ୍ତ ଘଟେ ଏବଂ ଚରମ ଶାନ୍ତି ପ୍ରାପ୍ତହୁଏ ।

# ରାଇରଙ୍ଗପୁରଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ

ରାଇରଙ୍ଗପୁର:ବାମନଘାଟୀ ସଦରମହକୁମା ରାଇରଙ୍ଗପୁର ଠାରେ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସ ପାଳନ ଅବସରରେ ସକାଳ ୯ଟା ୧୫ ମିନିଟ ସମୟ ରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଆୟୋଜିତ ଉପଖଣ୍ଡ ସ୍ତରୀୟ ଆନୁଷ୍ଠାନିକ ଉତ୍ସବରେ ରାଇରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଅଭିବାଦନ ମଚଂରେ ମୁଖ୍ୟ ଅତିଥିଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ତା'ଙ୍କ ଅଭିଭାଷଣ ରଖି କହିଥିଲେ, ଯେଉଁ ପୂର୍ବ ସୁରୀ ତଥା ମହାମନୀଷୀ ମାନେ ସେମାନଙ୍କ ଆତ୍ମବଳିଦାନ, ନିଃସ୍ୱାର୍ଥପର ଉତ୍ସର୍ଗୀକୃତ ସେବା ପ୍ରତିଦାନରେ ଦେଶକୁ ପରାଧୀନତା କବଳରୁ ମୁକ୍ତି ଦେଇ ଆଜିକୁ ୭୯ ବର୍ଷ ଧରି ଏକ ସ୍ୱାଧୀନ ରାଷ୍ଟ୍ରରେ ବାସ କରିବା ପାଇଁ ଆମକୁ ସୁଯୋଗ ଦେଇଛନ୍ତି, ଯଦି ଆମେ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକାର ସର୍ବାଙ୍ଗୀନ ଉନ୍ନତି ଓ ସୁରକ୍ଷା ନିମନ୍ତେ ନିଜ ନିଜ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିବା ପାଇଁ ଏଇ ଜାତୀୟ ପତାକା ତଳେ ସଂକଳ୍ପବଦ୍ଧ ହେବା, ତେବେ ତାହାହିଁ ହେବ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । ଏହି ଅବସରରେ ସେ ଆହୁରି ମଧ୍ୟ କହିଥିଲେ ରାଇରଙ୍ଗପୁର ଏବେ ବିକାଶର ଧାରାରେ ଆଗେଇ ଚାଲିଛି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନେକ ନୂତନ ଜନକଲ୍ୟାଣକାରୀ ପ୍ରକଳ୍ପ ନିକଟ ଅତୀତରେ ଉଦଘାଟିତ ହୋଇ ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଛି, ଆଗକୁ ଆହୁରି ଅନେକ ଉନ୍ନତିମୂଳକ ନୂତନ ପ୍ରକଳ୍ପ ହେବାକୁ ଯାଉଛି । ଅଂଚଳବାସୀଙ୍କ ସହଯୋଗରେ ଆଗାମୀ ଦିନରେ ରାଇରଙ୍ଗପୁର ବିକଶିତ ରାଇରଙ୍ଗପୁରରେ ପରିଣତ ହେବ ବୋଲି ସେ ଆଶା ପୋଷଣ କରିଥିଲେ । ପ୍ରକାଶ ଥାଉକି, ନୂତନ ପୁଲିସ ଜିଲ୍ଲାଗଠନ ପରେ ଚଳିତ ବର୍ଷ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ଦିବସ ପ୍ୟାରେଡ ଉତ୍ସବରେ ପ୍ରଥମ କରି ରିଜର୍ଭ ଇନ୍ସପେକ୍ଟର ଏମ ଲକ୍ଷ୍ମୀରଞ୍ଜନ ଓ ସେକେଣ୍ଡ ଇନ କମାଣ୍ଡ ରାଜେନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ପ୍ୟାରେଡ ପରିଚାଳିତ ହୋଇଥିଲା । ଅନୁଷ୍ଠିତ ପ୍ୟାରେଡରେ ରାଇରଙ୍ଗପୁର ପୁଲିସ ଜିଲ୍ଲାର ପୋଲିସ ବାହିନୀ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ସ୍କାଉଟ -ଗାଇଡ଼, ରେଡ଼କ୍ରସ ଓ ସିଭିଲିଆନ ଦଳକୁ ମିଶାଇ ମୋଟ ୨୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡ ପ୍ରତିଯୋଗିତାରେ ବିଚାରକ ଭାବେ ଗୋରୁମହିଷାଣି ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା, ରାଇରଙ୍ଗପୁର ଗ୍ରାମ୍ୟ ଥାନା ଅଧିକାରୀଣି ବବିତା ରାଣୀ ପୁହାଣ, ପୂର୍ବତନ ସୈନ୍ୟ ବାହିନୀର ଅଧିକାରୀ ସୁବେଦାର ତଥା ଅନରାରୀ କ୍ୟାପଟ୍ଟେନ ଜୁହାର ମୁର୍ମୁ ଏବଂ ସୁବେଦାର ଶୁକ୍ଳୁଲ୍ ଟୁଡୁ ଦାୟିତ୍ୱ ସମ୍ପାଦନ କରିଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଜିଲ୍ଲା ଆପାତକାଳୀନ ବୈଠକ

ଝାରସୁଗୁଡ଼ା,୧୭/୮(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିଅମଠାରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ବିପଜ୍ଜନକ କାରଖାନାଗୁଡ଼ିକର ସୁରକ୍ଷା, ଆପାତକାଳୀନ ଆଗୁଆ ପ୍ରସ୍ତୁତି ଏବଂ ବିପଦ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କାରଖାନା ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ (ସମ୍ବଲପୁର ଡିଭିଜନ୍) ଏଞ୍ଜିନିୟର ସ୍ୱରୂପ ଜେନା, ସହକାରୀ ନିର୍ଦ୍ଦେଶକ ଏଞ୍ଜିନିୟର ଅର୍ଚ୍ଚନା ଦାଶ, ଜିଲ୍ଲା ଆପାତକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହଙ୍କ ସମେତ ଜିଲ୍ଲାର ପ୍ରମୁଖ ଶିଳ୍ପସଂସ୍ଥାର ପ୍ରତିନିଧି ଏବଂ ଜିଲ୍ଲା କ୍ରାଇସିସ୍ ଗ୍ରୁପ୍ର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ କାରଖାନା ଓ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଏଞ୍ଜିନିୟର ଅର୍ଚ୍ଚନା ଦାଶ ଜିଲ୍ଲାପାଳ, ନିମନ୍ତ୍ରିତ ଅଧିକାରୀ ଓ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଜିଲ୍ଲାରେ ବିପଜ୍ଜନକ ସ୍ଥିତିର ମୁକାବିଲା ପାଇଁ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହାପରେ କାରଖାନା ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ ଏଞ୍ଜିନିୟର ସ୍ୱରୂପ ଜେନା ଉପସ୍ଥିତ ସଦସ୍ୟମାନଙ୍କୁ ସମ୍ବୋଧିତ କରି ସୁରକ୍ଷା ନିୟମାବଳୀର କଠୋର ଅନୁପାଳନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଆଲୋଚନାରେ ଗେଲ ଇଣ୍ଡିଆ ଲିମିଟେଡ, ଆଇ.ଓ.ସି.ଏଲ୍. ପାଇପଲାଇନ୍ ଡିଭିଜନ୍, ଆଇ ଓ ସି ଏଲ ବାଟଲିଂ ପ୍ଲାଂଟ, ବେଦାନ୍ତ ଆଲୁମିନିୟମ୍ ଲିମିଟେଡ୍, ଇବ୍ ଥର୍ମାଲ ପାୱାର ଷ୍ଟେସନ୍ ଏବଂ ଆଇ.ଓ.ସି.ଏଲ୍. ଝାରସୁଗୁଡ଼ା ଟର୍ମିନାଲ୍ ର ପ୍ରତିନିଧିମାନେ ସେମାନଙ୍କ ସଂସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ଆପାତକାଳୀନ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ଓ 'ଅଫ୍-ସାଇଟ୍/ଅନ୍-ସାଇଟ୍' ଜରୁରୀକାଳୀନ ଯୋଜନା ସମ୍ପର୍କରେ ତଥ୍ୟ ସହ ଉପସ୍ଥାପନା ପ୍ରଦାନ କରିଥିଲେ। ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଥିଲେ ଯେ, କୌଣସି ବି ଶିଳ୍ପାଞ୍ଚଳରେ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇବା ପାଇଁ ପୂର୍ବପ୍ରସ୍ତୁତି ଏବଂ ନିୟମିତ ସୁରକ୍ଷା ଯାଞ୍ଚ୍ ଅତ୍ୟନ୍ତ ଜରୁରୀ। ସେ ସମସ୍ତ ଶିଳ୍ପସଂସ୍ଥାକୁ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରିବା ପାଇଁ ସଦାସର୍ବଦା ସଜାଗ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜନବସତି ପୂର୍ଣ୍ଣ ଅଂଚଳରେ ଚାଲିଥିବା ଆମୋନିଆ ଗ୍ୟାସ୍ ପରିଚାଳନା ସଂକ୍ରାନ୍ତୀୟ ୟୁନିଟ୍ଗୁଡ଼ିକର ନିରାପତ୍ତାକୁ ନେଇ କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ସେଗୁଡ଼ିକର ବିଶେଷ ସୁରକ୍ଷା ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ, ଜିଲ୍ଲା କ୍ରାଇସିସ୍ ଗ୍ରୁପର ଏହିପରି ଆପାତକାଳୀନ ବୈଠକ ନିୟମିତ ଭାବେ ଆୟୋଜନ କରିବା ଏବଂ ଜିଲ୍ଲାର ଶିଳ୍ପ ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ପୁଲିସ ବିଭାଗରେ ଉତ୍କୃଷ୍ଟ ସେବା ପାଇଁ ଝାରସୁଗୁଡ଼ା ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଏସଆଇଙ୍କୁ ମିଳିଲା 'ଡିଜିପି ଡିସ୍କ ଆୱାର୍ଡ'

ଝାରସୁଗୁଡ଼ା,୧୭/୮(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ପୁଲିସ ପ୍ରଶାସନ ପାଇଁ ଆଉ ଏକ ଗୌରବର ବିଷୟ ଭାବେ ପୁଲିସ ବିଭାଗରେ ଉତ୍କୃଷ୍ଟ କାର୍ଯ୍ୟ, କର୍ତ୍ତବ୍ୟନିଷ୍ଠା, ସାହସିକତା, ତଥା ନିଷ୍ଠାପର ସେବା ପାଇଁ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓପିଏସ ମଧୁସିକ୍ତା ମିଶ୍ର ଏବଂ ରେଙ୍ଗାଲି ଥାନା ଏସଆଇ ସମରେନ୍ଦ୍ର ନାୟକଙ୍କୁ ସମ୍ମାନନୀୟ 'ଡିଜିପି ଡିସ୍କ ଆୱାର୍ଡ' ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ପୁଲିସ ଭବନ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଉଭୟ ଅଧିକାରୀଙ୍କୁ ଏହି ଗୌରବପୂର୍ଣ୍ଣ ସମ୍ମାନରେ ସମ୍ମାନିତ କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓପିଏସ ମଧୁସିକ୍ତା ମିଶ୍ର ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ ରୋକିବା, ପୋକସୋ ମାମଲାରେ ସ୍ୱତନ୍ତ୍ର ଧ୍ୟାନ ଦେଇ ସଫଳ ତଦନ୍ତ କରିବା ଏବଂ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଆୱାର୍ଡ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୪ ମସିହାରେ ମଧ୍ୟ ସେ ଡିଜିପି ଡିସ୍କ ଆୱାର୍ଡ ହାସଲ କରିଥିଲେ। ସେହିପରି ରେଙ୍ଗାଲି ଥାନା ଏସଆଇ ସମରେନ୍ଦ୍ର ନାୟକ ଏକ ସଂବେଦନଶୀଳ ପୋକସୋ ମାମଲାର ମାତ୍ର ୯୧ ଦିନ ମଧ୍ୟରେ ଉଦାହରଣପୂର୍ବକ ତଦନ୍ତ ସମ୍ପୂର୍ଣ୍ଣ କରି ଅଭିଯୁକ୍ତକୁ ଦଣ୍ଡବିଧାନ କରାଇବାରେ ସଫଳ ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି।



# ଶୋଭାନୀୟ ଶିକ୍ଷାଶ୍ରମଠାରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ସମ୍ବଲପୁର,୧୭/୮(ନି/ପ୍ର): ସ୍ଥାନୀୟ ପୁଟିବନ୍ଧ ସ୍ଥିତ ଶୋଭାନୀୟ ଶିକ୍ଷାଶ୍ରମ ଠାରେ ୮୦ ତମ ସ୍ୱାଧୀନତା ଦିବସରେ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଜାତୀୟ ଚେତନା ଓ ଦେଶାତ୍ମବୋଧକ ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପ୍ରଭାତ ଫେରି ପରେ ଶିକ୍ଷାଳୟ ପରିସରରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାସ ପତଳା ଉତୋଳନ କରି ବୀର ସୁରେନ୍ଦ୍ର ସାଏ, ଛବିଳ ସାଏ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ଚର୍ଚ୍ଚା କରି ଦେଶ ସ୍ୱାଧୀନତାରେ ସେମାନଙ୍କ ତ୍ୟାଗ ସମ୍ପର୍କରେ ଆଲୋଚନା କରି ସମସ୍ତ ଶିକ୍ଷାର୍ଥୀ ଦେଶପ୍ରେମରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସମାଜସେବୀ ସ୍ୱର୍ଣ୍ଣାଲା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ଶିକ୍ଷାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଶତପଥୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରତ୍ନାକର ସେଠୀଙ୍କୁ ଜିଲ୍ଲା ଏସସି ମୋର୍ଚ୍ଚା ଉପସଭାପତି ଦାୟିତ୍ୱ

ପଟ୍ଟାମୁଣ୍ଡାଇ,୧୭/୮(ନି/ପ୍ର): ପଟ୍ଟାମୁଣ୍ଡାଇ ଅଂଚଳର ବିଶିଷ୍ଟ ଦଳିତ ସଂଗଠକ ରତ୍ନାକର ସେଠୀ ଜିଲା ବିଜେପି ଏସ୍ସିମୋର୍ଚ୍ଚାର ଉପସଭାପତିଭାବେ ନିଯୁକ୍ତି ଦିଆଯାଇଛି। ୨୦୧୧ ମସିହାରେ ସେ ବିଜେପିରେ ମିଶିଲା ପରେ ତୃଣମୂଳସ୍ତରରୁ ସଂଗଠନ ମଜଭୁତ କରିବା ପାଇଁ ପ୍ରୟାସ ଜାରିରଖିଥିଲେ। ମଣ୍ଡଳ ୧୬ର ଦୁଇଥର ମଣ୍ଡଳ ସଭାପତି ମଧ୍ୟ ଥିଲେ। ଏହି ନିଯୁକ୍ତି ପାଇଁ ରତ୍ନାକର ସେଠୀ ରାଜ୍ୟ ବିଜେପି ଏସ୍ସି ସଭାପତି ବାଇଧର ମଲିକ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ନେତ୍ରୀ ଗୀତାଅଞ୍ଜଳି ସେଠୀ, ବିଜେପି ବରିଷ୍ଠ ନେତା ସୁରଥ ସେଠୀ, ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, ପୂର୍ବ ତନ ଉପ ସଭାପତି ଉପିନ ରାଉତ,କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁନାକର ବେହେରା, ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, ଜିଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରା ଏବଂ ଜିଲା ଏସ୍ସି ମୋର୍ଚ୍ଚା ସଭାପତି ପ୍ରଦୀପ ସେଠୀଙ୍କୁ କୃତଜ୍ଞ ଜଣାଇଛନ୍ତି। ନବନିଯୁକ୍ତ ଏସ୍ସି ମୋର୍ଚ୍ଚା ଉପସଭାପତି ଶ୍ରୀ ସେଠୀଙ୍କୁ ଜିଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଓ ସଞ୍ଜୟ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଦଳିତ ନେତା ପ୍ରଶାନ୍ତ ମଲିକ, ଅନ୍ତର୍ଯ୍ୟାମୀ ମଲିକ ଓ ଗୋଲକ ମଲିକ, ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ କାର୍ଯ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୧୭/୮(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଆର.ଡବ୍ଲ୍ୟୁ.ଏସ୍.ଏସ୍. ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ମାରାଣ୍ଡିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ବିଭାଗର କାର୍ଯ୍ୟକାରିତା, କର୍ମଚାରୀଙ୍କ ଉପସ୍ଥିତି, ଚାଲୁରହିଥିବା ପ୍ରମୁଖ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନଳ ଜଳ ଯୋଗାଣ କଭରେଜ୍, ନୂତନ ନଳକୂପ ଖନନ, ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଏବଂ ସମଗ୍ର ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଥିଲେ। ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ଏବଂ ସୁରକ୍ଷିତ ପାନୀୟ ଜଳ ଯୋଗାଇଦେବା ପ୍ରଶାସନର ମୁଖ୍ୟ ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରକାଶ କରିବା ସହ ବାକି ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହାଦ୍ୱାରା ଗ୍ରାମାଂଚଳବାସୀ ନିୟମିତ ଓ ସୁରକ୍ଷିତ ପାନୀୟ ଜଳ ପାଇପାରିବେ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ



ସମ୍ବଲପୁର,୧୭/୮(ନି/ପ୍ର): ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଜାତୀୟ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଗୌରବମୟ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ସମ୍ବଲପୁର ମହାନଗର ନିଗମ କମିଶନରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ପାତ୍ର ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ, ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ସନ୍ଥକବି ଭୀମ ଭୋଇଙ୍କ ସମେତ ସମ୍ବଲପୁର ମାଟିର ଅଗଣିତ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମରେ ଏହି ଅଂଚଳର ଅବଦାନକୁ ଚିରସ୍ମରଣୀୟ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ପାତ୍ର ପ୍ୟାରେଡ ରେ ଅଭିବାଦନ ଗ୍ରହଣ କଲା ପରେ ପ୍ରଜ୍ଞାପନ ମେଢ ପଦର୍ଶନ ,ସାଂସ୍କୃତିକକ କାର୍ଯ୍ୟକ୍ରମ ଆଦିର ଆୟୋଜନ କରଯାଇଥିଲା। ।ଏହି ଦିବସ ପାଳନ ଅବସରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରିବା ସହିତ ପ୍ରଜ୍ଞାପନ ମେଢ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳଙ୍କୁ ପୁରସ୍କୃତ କରଯାଇଥିଲା।

# ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ୨୦୨୬-୨୭

ଭଦ୍ରକ,୧୭/୮(ନି/ପ୍ର): ଭଦ୍ରକ ଗାନ୍ଧିପଡ଼ିଆ ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ଅଳକାନନ୍ଦ ମଲ୍ଲିକ, ଅଧ୍ୟାପିକା ପ୍ରାଣୀ ବିଜ୍ଞାନ ବିଭାଗ, ବିନାୟକ ଡ଼ିଗ୍ରୀ କଲେଜ(ପୂର୍ବ ଛାତ୍ରୀ) ଯୋଗ ଦେଇ ବୈଜ୍ଞାନିକ ମାନଙ୍କ ଉଦାହରଣ ଦେଇ ଶିଶୁମାନଙ୍କୁ ବୁଝାଇଥିଲେ । ମୁଖ୍ୟ ବକ୍ତା ଅକ୍ଷୟ କୁମାର ହୋତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ମୁରଲୀଧର ହାଇସ୍କୁଲ ଧୁଷୁରି (ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ସଂଯୋଜକ, ଭଦ୍ରକ) ଯୋଗ ଦେଇ ଜ୍ଞାନବିଜ୍ଞାନ ମେଳାର ମହତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଉକ୍ତ ମେଳାରେ ସଂଗ୍ରାମ କେଶରୀ ମହାନ୍ତି ଅବସର ପ୍ରାପ୍ତ ଅଧ୍ୟକ୍ଷ ଏ ବି କଲେଜ (ସଂକୁଳ ପ୍ରମୁଖ), ପରିଚାଳନା ସମିତିର ସମ୍ପାଦକ ବିଭୁ ଚନ୍ଦନ ଜେନା, ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ଉପସ୍ଥିତ ରହି ଉଦ୍ ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମେଳାରେ ନିବନ୍ଧ ଲିଖନ, ମୂର୍ତି କଳା ପ୍ରଦର୍ଶନୀ, ନୃତ୍ୟକଳା ପ୍ରଦର୍ଶନୀ, ଶିଶୁ ବର୍ଗ, ବାଲ୍ ବର୍ଗ, କିଶୋର ବର୍ଗ ଆଦି ବିଭିନ୍ନ ବିଭାଗରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଂଚ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ବୈଦିକ ଗଣିତ ପ୍ରଶ୍ନମଂଚ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ସଂସ୍କୃତି ଜ୍ଞାନ, ପତ୍ରବାଚନ ଆଦି ଆୟୋଜନ କରାଯାଇଥିଲା । ୭ଟି ବିଦ୍ୟାଳୟର ମୋଟ ୩୦୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୧୦୦ ଟି ବିଜ୍ଞାନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ସଭାପତି ବ୍ରଜକିଶୋର ବଳ, ମୁଖ୍ୟ ବକ୍ତା ଭାବେ ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ କୁମାର ବିଶ୍ୱାଳ ଶିଶୁବିଜ୍ଞାନୀ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ସଂକୁଳ ସଂଯୋଜକ ରାଜକିଶୋର ଦାସ, ସଂକୁଳ ପ୍ରମୁଖ ସଂଗ୍ରାମ କେଶରୀ ମହାନ୍ତି ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ଉପସ୍ଥିତ ରହିଥିଲେ। ସଂକୁଳ ସଂଯୋଜକ ରାଜକିଶୋର ଦାସ ବୃତକଥନ କରିଥିଲେ। ଶିଶୁ ବିଜ୍ଞାନୀ ସୃଷ୍ଟି ସୃଜନୀ ବେହେରା ଜ୍ଞାନବିଜ୍ଞାନର ମେଳାର ଅନୁଭୂତି କଥନ ରଖିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଶିଶୁମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ସଂକୁଳ ପ୍ରମୁଖ ସଂଗ୍ରାମ କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈତରଣୀରେ ବଡବନ୍ୟା, ୭ ପଂଚାୟତର ୪୨ ହଜାର ଲୋକ ଜଳବନ୍ଦୀ, ଉପରମୁଣ୍ଡରେ ଭାରିବର୍ଷା ଜାରି

ଭଦ୍ରକ,୧୭/୮(ନି/ପ୍ର): ବୈତରଣୀ ନଦୀରେ ଚଳିତ ବର୍ଷର ଅନ୍ୟତମ ବଡ ଧରଣର ବନ୍ୟା ଆସିଛି। ଉପର ମୁଣ୍ଡରେ ଜାରି ବର୍ଷା ଲାଗିରହିବା ଯୋଗୁଁ ବୈତରଣୀ ନଦୀରେ ଜଳସ୍ତର ଶୁକ୍ରବାର ସନ୍ଧ୍ୟା ୭ଟାରୁ ଅହେତୁକ ଭାବେ ବୃଦ୍ଧି ପାଇଥିଲା । ଗୁରୁବାର ସନ୍ଧ୍ୟା ୫ ଟାରେ ନଦୀ ଆଖୁଆପଦାରେ ୧୭.୨୦ମିଟରରେ ପ୍ରବାହିତ ହେଉଥିଲା । ଜଳସ୍ତର ପ୍ରତି ୧ ମି.ମି. ବେଗରେ ହ୍ରାସ ପାଉଥିଲା। ଏହାପରେ ଜଳସ୍ତର ସ୍ଥିର ହୋଇ ୭ଟାରେ ବୃଦ୍ଧି ପାଇଥିଲା । ଶୁକ୍ରବାର ରାତ୍ର ୧୧ଟାରେ ଜଳସ୍ତର ୧୧. ୨୮ ମିଟରରେ ପହଂଚିଥିଲା । ରାତ୍ର ୧୨ଟାରେ ଜଳସ୍ତର ପ୍ରତି ୩୦ ମି.ମି. ବେଗରେ ବୃଦ୍ଧି ପାଇ ବିପଦସଙ୍କେତସ୍ତର ୧୮୩୩ ମିଟର ଅତିକ୍ରମ କରି ୧୮,୫୮ ମିଟରରେ ସହ ଯାଇଥିଲା । ଅନ୍ୟପକ୍ଷରେ ନଦୀର ଉପରମୁଣ୍ଡରେ ଭାରି ବର୍ଷା ଲାଗି ରହିଛି । ଅପରାହ୍ଣ ୪ଟାରେ ନଦୀ ୧୯୬୩ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ପ୍ରତି କି.ମି.ମି. ବେଗରେ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ୨୮.୮ମି.ମି., ସ୍ୱାମୀପାଟଣାରେ ୪୦.୦ ମି.ମି., ଚମ୍ପୁଠାରେ ସର୍ବାଧିକ ୮୮୪ ମି.ମି., ଆନନ୍ଦପୁରରେ ୧୧୮ ମି.ମି. ଓ ଆଖୁଆପଦାରେ ୧.୮ ମି.ମି ବର୍ଷା ରେକର୍ଡ କରାଯାଇଛି । ଭଣ୍ଡାରିପୋଖରୀ ବ୍ଲକ୍‌ରେ ଗତ ୨୪ ଘଂଟା ମଧ୍ୟରେ ଆଦୌ ବର୍ଷା ହୋଇନାହିଁ । ପରବର୍ତ୍ତୀ ସମୟରେ କ୍ରମାଗତ ଭାବେ ବ୍ୟାପକ ବର୍ଷା ଲାଗି ରହିବାରୁ ନଦୀର ଜଳସ୍ତର ବିଶେଷ ହ୍ରାସ ପାଇବ ନାହିଁ ବୋଲି ଆଶଙ୍କା କରାଯାଇଛି । ପରେ ପରେ ୭ଫୁଟ ଉଚ୍ଚର ବନ୍ୟାଜଳ ବ୍ୟାପକ ଭାବେ ଜନବସତିକୁ ପ୍ରବାହିତ ହୋଇ ୫ଟି ପଂଚାୟତକୁ ବୁଡାଇ ଦେଇଛି। ଚଳିତ ବର୍ଷରେ ଷୋଳମପୁର ପଂଚାୟତର ମଣିନାଥପୁର, ଷୋଳମପୁର, ବଚନୂଆପଡା, ବିରୋଳି ଗ୍ରାମ, ମାଳଦା ପଂଚାୟତର ଜଳହରୀ, ବଳପୁର, ରାମପୁର, ମାଳଦା ଆଦି ଗ୍ରାମ, ନପଙ୍ଗ ପଂଚାୟତର ବଡନପଙ୍ଗ, ନପଙ୍ଗ, କାଟଣା, କୋରାଗଡିଆ ଆଦି ଗ୍ରାମ, ରହଣିଆ ପଂଚାୟତର ନୌରଙ୍ଗପୁର, ରହଣିଆ, କେଶପୁର, କୋରିଗାଁ ପଂଚାୟତର ୫୦ଗାଁ, କୋରିଗାଁ, କେରଳିବା ଆଦି ଗ୍ରାମ, ବଦଲେଇକିଆଳି ପଂଚାୟତର ବନ୍ଧାଲୋ, ମକ୍ତିପାଳି, ଖପୁରିଆପଦା, ଝୁଟୁଣା ପଂଚାୟତର ଝୁଟୁଣା, ବାବଲପୁର, ବ୍ରହ୍ମପୁର, ହାତେଶ୍ୱର ଆଦି ଗ୍ରାମର ୬୨ ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି । ହଜାର ହଜାର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡି ରହିଛି । ବହୁ ରାସ୍ତା ଆଦି ବନ୍ୟାଜଳରେ ବୁଡି ରହି ଯାତାୟତ ବାଧାପ୍ରାପ୍ତ ହେଉଛି । ସେହିପରି ରେବ ଓ କପାଳି ନଦୀରେ ବନ୍ୟା ଆସିଛି । ଫଳରେ ବଳିରାମପୁର, ଗୋପାଳପୁର, ଆଦମପୁର, ଜଗନ୍ନାଥପୁର ଓ ଆଦି ଗ୍ରାମ ପ୍ରଭାବିତ ହୋଇଥିବା ଜଣାଯାଇଛି ।

# ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଓ ଦାବି ଦିବସ ପାଳନ



ସମ୍ବଲପୁର,୧୭/୮(ନି/ପ୍ର): ଓଡ଼ିଶା ରାଜ୍ୟ ପଛୁଆ ଅଚଂଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ଅନୁକୂଲ୍ୟରେ ଉତ୍ତରାଂଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖ ଗଣଧାରଣା କରାଯିବା ସହିତ ଦାବୀ ଦିବସ ପାଳିତ ହୋଇଯାଇଛି । ଏଥିରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗିର, ଦେବଗଡ଼ ଓ କଳାହାଣ୍ଡି ଜିଲ୍ଲାର ପ୍ରତିନିଧି ମାନେ ଯୋଗଦେଇଥିଲେ । ସଂଘର ସଭାପତି ପ୍ର. ସୁଦର୍ଶନ ପାଣିଗାହୀ ଙ୍କ ପରିଚାଳନା ଓ କାର୍ଯ୍ୟକାରୀ ସଭାପତି ଡ଼ଃ ଅଶ୍ୱିନୀ କୁମାର ସୁପକାରଙ୍କ ସଂଯୋଜନାରେ ଆୟୋଜିତ ଜାଗରଣ ସଭାରେ ମୁଖ୍ୟବକ୍ତା ଭାବରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ଶିକ୍ଷାନୀତି ରେ ବୈଚିତ୍ରତା, କଲେଜ ଶିକ୍ଷକ ତଥା କର୍ମଚାରୀ ମାନଙ୍କର ଯନ୍ତ୍ରଣା ଏକତା ଆଧାରିତ ସଂଘବଦ୍ଧ ଅଭିଯାନ ଉପରେ ଆଲୋକପାତ କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ର. ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ଓଡିଶା ରାଜ୍ୟରେ ସର୍ବସାଧାରଣଙ୍କ ଉଦ୍ୟମରେ ଗଢିଉଠିଥିବା ଅନୁଦାନ ପ୍ରାପ୍ତ ଜୁନିଅର ଓ ଡିଗ୍ରୀ କଲେଜ ଅଧ୍ୟାପକ, କର୍ମଚାରୀ ତଥା ଡି.ଇ. ଓ ମାନଙ୍କର ଅନୁଦାନ ଚାକିରୀ ସର୍ତ୍ତାବଳୀ ସମସ୍ୟା, ପଦୋନ୍ନତି-ପେନ୍‌ସେନ୍‌ର ଅସୁବିଧା କେଜି ଠାରୁ ପିଜି ପର୍ଯ୍ୟନ୍ତ ଫି ଛାଡ଼ ନିଷ୍ପତିର କୁପଭାବ ଏବଂ ବିଭିନ୍ନ ଅସୁବିଧା ତଥା ତୃଟି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ର. ଶଶିକାନ୍ତ ପଣ୍ଡା ୧୨ ଦଫା ସମ୍ମିଳିତ ଦାବୀ ପତ୍ର ପାଠ କରିଥିଲେ । ସଭାପତି ପ୍ର.ପାଣିଗ୍ରାହୀ ଶିକ୍ଷକ କର୍ମଚାରୀ ମାନଙ୍କର ଏକତା ଓ ସହଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଅରୁଣ ନାୟକ, ଆବାହକ ପ୍ର. ଅଶୋକ କୁମାର ବହିଦାର, ନିହାର ମହାନ୍ତି ଓ ଡିଇଓ ସଂଘର ପ୍ରତିନିଧି ପ୍ରଦୀପ ପୁଝାରୀ ଶିକ୍ଷାନୀତି ରେ ତ୍ରୁଟି ବିଚ୍ୟୁତି, ଡିଭାଇଡ ଏଣ୍ଡ ରୁଲ୍ ପୋଲିସି ଏବଂ ବିଭିନ୍ନ ଦାବୀ ତଥା ଅଧିକାର ବିଶ୍ଳେଷଣ କରିଥିଲେ। ସଭାସ୍ଥଳ ନିକଟକୁ ଆସି ଆର୍ ଡ଼ି ସି ଙ୍କ ପ୍ରତିନିଧି ତଥା ବିଭାଗୀୟ ଅଧିକାରୀ ସଂଘର କର୍ମକର୍ତ୍ତା ମାନଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ସ୍ମାରକ ତଥା ଦାବୀପତ୍ର ଗ୍ରହଣ କରିଥିଲେ । ସଂଘର ଉପସଭାପତି ଡ଼ଃ ଦୀପେନ୍ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ର. ପୂର୍ଣ୍ଣଚନ୍ଦ୍ର ସେଠ, ଜ୍ଞାନ ରଞ୍ଜନ ସାମଲ, ସୂର୍ଯ୍ୟ ନାରାୟଣ ଅଗସ୍ତି, ଦିଲିପ କୁମାର ଗୌର, ଡ଼ଃ ବସନ୍ତ କୁମାର ଦାସ ଓ ପ୍ର. ସିଦ୍ଧାର୍ଥ ପଣ୍ଡା ସୁଚିନ୍ତିତ ମତାମତ ରଖିବା ସହିତ ସହଯୋଗ କରିଥିଲେ ।

# ଶାହଙ୍କୁ ଭେଟିଲେ ଝାରସୁଗୁଡ଼ା ବିଧାୟକ, ଉପହାର ଦେଲେ ମା ସମଲେଶ୍ୱରୀଙ୍କ ଫଟୋଚିତ୍ର

ଝାରସୁଗୁଡ଼ା,୧୭/୮(ନି/ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନୂଆଦିଲ୍ଲୀସ୍ଥିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସରକାରୀ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ବିଧାୟକ ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ଗତ ଦୁଇ ବର୍ଷ ମଧ୍ୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ରିପୋର୍ଟ କାର୍ଡ ଗୃହମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତର ଅବିଠକରେ ଝାରସୁଗୁଡ଼ାର ଆଂଚଳିକ ବିକାଶ ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ, ଭିତିଭୂମିର ସୁଧାର ଏବଂ ବିକାଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏଥିସହ ଭାରତୀୟ ଜନତା ପାର୍ଟିର ସାଂଗଠନିକ ବିଷୟ ଏବଂ କେନ୍ଦ୍ରୀୟ ନେତୃତ୍ୱ ସହ ସମନ୍ୱୟ ବୃଦ୍ଧି ନେଇ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା। ଝାରସୁଗୁଡ଼ାକୁ ବିକାଶର ଶୀର୍ଷସ୍ତରକୁ ନେବା ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ କେନ୍ଦ୍ରର ସହଯୋଗ ଲୋଡ଼ିବା ସହ ନିର୍ବାଚନମଣ୍ଡଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସାକ୍ଷାତ ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପବିତ୍ର ଫଟୋଚିତ୍ର ଅମିତ ଶାହଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହି ଭେଟଘାଟ ଝାରସୁଗୁଡ଼ାର ଆଗାମୀ ବିକାଶ ସହ କେନ୍ଦ୍ରୀୟ ନେତୃତ୍ୱ ସହ ସାଂଗଠନିକ ସମନ୍ୱୟକୁ ଆହୁରି ମଜବୁତ କରିବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

# ବନ୍ୟା ସ୍ଥିତି ସମୀକ୍ଷା କଲେ ବିଧାୟକ ସଂଜୀବ ମଲ୍ଲିକ

ଭଦ୍ରକ,୧୭/୮(ନି/ପ୍ର): ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଜଳ ସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫୁଲୁଛି ବୈତରଣୀ ନଦୀ। ବଢୁଛି ଜଳ ସ୍ତର । ଆଖୁଆପଦା ଆନିକଟ ଠାରେ ବିପଦ ସଂକେତ ଟପିଛି ବନ୍ୟା ଜଳ । ଏଭଳି ପରିସ୍ଥିତିରେ ଆଜି ଭଣ୍ଡାରିପୋଖରୀ ପଂଚାୟତ ସମିତି କାର୍ଯ୍ୟାଳୟରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ ।




## ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



ରାଉରକେଲା,୧୭/୮(ନି/ପ୍ର): ବିଭିନ୍ନ ଦାବି ନେଇ ଆଜି ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଗତ ୨୦୨୬ ଜୁଲାଇ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ଅନୁଷ୍ଠିତ ଭାରତୀୟ ମଜଦୁର ସଂଘ (ଇଗଝ)ର ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ବୈଠକରେ, ସଂଗଠିତ ଓ ଅସଂଗଠିତ ଶ୍ରମିକମାନଙ୍କର ଦୀର୍ଘଦିନର ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ତଥା ସରକାରଙ୍କ ଦୃଷ୍ଟିଗୋଚର କରିବା ଉଦ୍ଦେଶ୍ୟରେ ୨୦୨୬ ଅଗଷ୍ଟ ୧୭ ତାରିଖରେ ଦେଶବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନପାଇଁ ଆହ୍ୱାନ କରାଯାଇଥିଲା। ଏଥିରେ ଉତ୍ଥାପିତ ଦାବିଗୁଡ଼ିକ କେବଳ ମଜୁରୀ କିମ୍ବା ସେବା ସର୍ତ୍ତାବଳୀ ମଧ୍ୟରେ ସୀମିତ ନୁହେଁ। ଏଥିରେ ସାମାଜିକ ସୁରକ୍ଷା, ଶ୍ରମର ମର୍ଯ୍ୟାଦା, ଶ୍ରମିକ ସ୍ୱାର୍ଥରକ୍ଷା, ଉଚିତ ପାରିଶ୍ରମିକ, ନିରାପଦ କାର୍ଯ୍ୟ ପରିବେଶ, କର୍ମଚାରୀ ଓ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ସହିତ ଜଡ଼ିତ ଭାରତୀୟ ମଜଦୁର ସଂଘ ପକ୍ଷରୁ ତ୍ୱରିତ ସମାଧାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଦାବିଗୁଡିକ ମଧ୍ୟରେ ରହିଛି ଅଙ୍ଗନୱାଡି ଏବଂ ଆଶା କର୍ମୀମାନଙ୍କୁ କର୍ମଚାରୀ ମାନ୍ୟତା ସହିତ ସମ୍ମାନଜନକ ବେତନ ପ୍ରଦାନ। ଆଶା କର୍ମୀମାନଙ୍କୁ ପ୍ରସୂତିକାଳୀନ ଛୁଟି ପ୍ରଦାନ ସହିତ ପୂର୍ଣ୍ଣ ଦେୟ ପ୍ରଦାନ କରିବାର ନୀତି ପ୍ରଣୟନ କରିବା। ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଯଥାଶୀଘ୍ର ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ମାନଦେୟ ବୃଦ୍ଧି କରାଯିବାକୁ ଦାବି କରାଯାଇଛି। ଚୁକ୍ତି ଭିତ୍ତିକ ଓ ଠିକା କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପାଇଁ ସମାନ କାମ ପାଇଁ ସମାନ ଦରମା ଲାଗୁ କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ବୃଦ୍ଧି ପାଉଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ସହିତ ତାଳଦେଇ ସର୍ବନିମ୍ନ ମଜୁରୀ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଇପିଏସ୍ - ୯୫(ଋଚଝ - ୯୫) ଅନ୍ତର୍ଭୁକ୍ତ ନ୍ୟୁନତମ ପେନସନକୁ ମାସିକ ୧୧,୦୦୦ରୁ ୧୭,୫୦୦ ଟଙ୍କାକୁ ବୃଦ୍ଧିକରିବା ସହିତ ମହଙ୍ଗା ଭତ୍ତା (ଠଉଇ) ଯୋଡ଼ିବା ଏବଂ ଏହାକୁ ଆୟୁଷ୍ମାନ ଭାରତ ଯୋଜନା ସହିତ ସଂଯୋଗ କରାଯିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଇପିଏଫ୍, ଇଏସ୍ଆଇସି ଏବଂ ବୋନସ ଗଣନା ଅଧୀନରେ ଥିବା ସମସ୍ତ ସୀମା (ଉରସକ୍ଷସଭଣ ଖସଙ୍କସପ୍ତଶ୍ୱ)କୁ ଦ୍ୱିଗୁଣିତ କରାଯିବାକୁ ଦାବି କରାଯାଇଛି। ପୁରୁଣା ପେନସନ ଯୋଜନା (ଡଚଝ) ର ପୁନଃ ପ୍ରଚଳନ ସହିତ ଗ୍ରାଚ୍ୟୁଇଟି ଗଣନାକୁ ୧୫ ଦିନର ମଜୁରୀ, ବଦଳରେ କୌଣସି ସୀମାରେଖା ନରଖି ୩୦ଦିନର ମଜୁରୀକୁ ବୃଦ୍ଧି କରାଯିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଶ୍ରମ ସଂହିତା (ଖବଭକ୍ଷଙ୍କକ୍ସ ଉକ୍ଷୟରଶ୍ୱ)ରେ ଥିବା ସମସ୍ତ ଶ୍ରମିକ-ବିରୋଧୀ ନିୟମକୁ ହଟାଇବା ପାଇଁ ଆବଶ୍ୟକୀୟ ସଂଶୋଧନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଓଡିଶାର ବିଭିନ୍ନ ଉଦ୍ୟୋଗରେ ହୋଇଥିବା ବେଆଇନ୍ ଛଟେଇ ସବୁକୁ ପ୍ରତ୍ୟାହାର କରି ପୁନଃ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଦାବିଗୁଡ଼ିକର ସମାଧାନ କେବଳ କର୍ମଚାରୀଙ୍କ ଜୀବନ ଧାରଣ ଏବଂ କାର୍ଯ୍ୟ ପରି ଦେଶରେ ସୁଧାର ଆଣିବ ନାହିଁ, ବରଂ କର୍ମଚାରୀ, ମାଲିକ ଏବଂ ସରକାରଙ୍କ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ସୌହାର୍ଦ୍ଦ ଓ ଉତ୍ପାଦନ ଶୀଳତାକୁ ମଧ୍ୟ ସୁଦୃଢ଼ କରିବା ସହିତ ସୁସ୍ଥ ବାତାବରଣ ଫେରାଇ ଆଣିବ ବୋଲି ଭାରତୀୟ ମଜଦୁର ସଂଘ ପକ୍ଷରୁ ଆଶାପୋଷଣ କରାଯାଇଛି। ଆଜି ଭାରତୀୟ ମଜଦୁର ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ପ୍ରଭାରୀ ରାଜେନ୍ଦ୍ର ନାଥ ମହାନ୍ତ, ଜିଲ୍ଲା ସମ୍ପାଦକ ଅମର ଭୂୟାଁ, ଜିଲ୍ଲା ସଭାପତି ସଂଯୁକ୍ତା କାଲୋ, ଇସ୍ପାତ ସହ ଉଦ୍ୟୋଗ ପ୍ରଭାରୀ ହିମାଂଶୁ ଶେଖର ବଳ, ଭାରତୀୟ ମଜଦୁର ସଂଘ ରାଜ୍ୟ ସଭାପତି ବାଦଲ ମହାରଣାଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସମିତା ମିଶ୍ରଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ କାର୍ଯ୍ୟରତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ, ରାଉରକେଲା ଇସ୍ପାତ ଠିକା ମଜ୍ଦୁର ସଂଘ, ମୋଟର କର୍ମଚାରୀ ସଂଘ, ରାଉରକେଲା ଅଟୋ ମଜ୍ଦୁର ସଂଘ, ବୀରମିତ୍ରପୁର ଖଣି ମଜ୍ଦୁର ସଂଘ, ଗାଙ୍ଗପୁର ଶ୍ରମିକ ସଂଘ, ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏସନ, ଓଡିଶା ଆଶା କର୍ମଚାରୀ ସଂଘ, ଓଡିଶା ନିର୍ମାଣ ମଜ୍ଦୁର ସଂଘର ହଜାର ହଜାର କାର୍ଯ୍ୟକର୍ତ୍ତା ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଶାନ୍ତିପୂର୍ଣ୍ଣ ଭାବେ ଏକ ଶୋଭାଯାତ୍ରାରେ ଯାଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ବିମଳା ଲାକ୍ରା, ସୁନନ୍ଦା ନାଥ, ସଂଜୀବ ପତି, ମାନସ ଦାସ, ନିରଞ୍ଜନ ପଟେଲ,ଅମର ଯୈସ୍ୱଲ, ଦୀନବନ୍ଧୁ ପାତ୍ର, କାଳିଚରଣ ଦାସ, ପ୍ରଦୀପ ସାହୁ, ପିନାକୀ ମହାନ୍ତି, ରାଜେଶ ଦାସ, ସତ୍ୟାନନ୍ଦ ଦାଶ, ଉମାକାନ୍ତ ସାମଲ, ଲଳିତ ସୁନ୍ଦର ଜେନା, ଜୟ ପ୍ରକାଶ ସ୍ୱାଇଁ, ପ୍ରବୀର ସ୍ୱାଇଁ, ସୁଶୀଲ ସେଠି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରବଳ ବର୍ଷାରେ ରାଉରକେଲା ଜଳବନ୍ଦୀ:
### ରେଳବାଇ, ଆରଏମସି ଏବଂ ବିଧାୟକଙ୍କ ଡ୍ରେନେଜ୍ ସମସ୍ୟାର ସମୀକ୍ଷା



ରାଉରକେଲା,୧୭/୮(ନି/ପ୍ର): ଅଗଷ୍ଟ ୧୩ ଏବଂ ୧୬ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ରାଉରକେଲାର ଅନେକ ଅଂଶ ଗୁରୁତର ଭାବରେ ଜଳବନ୍ଦୀ ହୋଇଥିଲା। ବର୍ଷା ପାଣି ଘର ଭିତରେ ପ୍ରବେଶ କରି ପ୍ରମୁଖ ରାସ୍ତାଗୁଡ଼ିକୁ ବୁଡ଼ାଇ ଦେଇଥିଲା। ରିଙ୍ଗ ରୋଡ୍ ଏବଂ ରାଉରକେଲା ମୁଖ୍ୟରାସ୍ତା ଉପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେଉଥିବା ଦେଖାଯାଇଥିଲା। ଅପରପକ୍ଷରେ ଛେଣ୍ଡ ଏବଂ ବାସନ୍ତୀ କଲୋନୀର ଅନେକ ଅଂଚଳରେ ପ୍ରାୟ ୪ରୁ ୫ ଫୁଟ ଉଚ୍ଚତାର ଜଳବନ୍ଦୀ ଦେଖାଯାଇଥିଲା। କମ୍ ସମୟ ମଧ୍ୟରେ ପ୍ରବଳ ବର୍ଷା ଏବଂ ଡ୍ରେନେଜ୍ ଚ୍ୟାନେଲ ବନ୍ଦ ହୋଇଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ସ୍ଥାନୀୟ ବାସିନ୍ଦା ଏବଂ ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍ (ଆରଏମସି) ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉଥିବା ବେଳେ, ଆଜି ରେଳ ବିଭାଗ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ପରିସ୍ଥିତିର ସମୀକ୍ଷା କରିଥିଲେ। ଆଜି ସକାଳେ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦିନାଃ ଦସ୍ତଗୀରଙ୍କ ସମେତ ଦକ୍ଷିଣପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ଡିଆରଏମ୍ ତରୁଣ କୁମାର ଏବଂ ଅନ୍ୟାନ୍ୟ ଅଧିକାରୀ ମାଲଗୋଦାମ ଅଚଂଳ ଏବଂ ରାଉରକେଲା ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ପରିଦର୍ଶନ କରିଥିଲେ। ଡିଆରଏମ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ରେଳବାଇ ଦ୍ୱାରା ନିର୍ମିତ ଡ୍ରେନେଜ୍ ସିଷ୍ଟମ୍ ସଠିକ୍ ଭାବରେ କାର୍ଯ୍ୟ କରୁଛି ଏବଂ ଡ୍ରେନ୍ ବନ୍ଦ ହେବା ଦ୍ୱାରା ମୁଖ୍ୟ ସମସ୍ୟା ସୃଷ୍ଟି ହୋଇଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଦ୍ୱାରା ବାରମ୍ବାର ଜଳବନ୍ଦୀ ହେଉଥିବା ସମସ୍ୟାର ସମାଧାନ ସହଜ ହୋଇପାରିବ। ବିଧାୟକ ସାରଦା ପ୍ରସାଦ ନାୟକ କହିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନା, ରେଳବାଇ ଏବଂ ରାଉରକେଲା ମ୍ୟୁନିସିପାଲ କର୍ପୋରେସନ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ ଜଳବନ୍ଦୀ ସମସ୍ୟାକୁ ଆହୁରି ବୃଦ୍ଧି କରୁଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀ, ଚକ୍ରଧରପୁର ଡିଆରଏମ୍ ତରୁଣ କୁମାର ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଆଶ୍ୱସ୍ତି ପ୍ରକାଶକରି କହିଛନ୍ତି ଯେ, ଭବିଷ୍ୟତରେ ପ୍ରବଳ ବର୍ଷା ସମୟରେ ସହରରେ ଏପରି ଗୁରୁତର ଜଳବନ୍ଦୀ ସମସ୍ୟା ସୃଷ୍ଟି ନହେବା ପାଇଁ ପ୍ରୟାସ କରାଯାଉଛି।

## ବିଭିନ୍ନ ଅନୁଷ୍ଠାନର ରାଉରକେଲାରେ ୪ ଦିନିଆ ରିଲିଫ୍ ଓ ସେବା ଅଭିଯାନ

ରାଉରକେଲା ୧୭/୮: ଗତ ୪ ଦିନ ଧରି, ଶ୍ରୀ ବାବା ଗଙ୍ଗା ରାମ ସେବା ସମିତି ଏବଂ ରୋଟାରୀ କ୍ଲବ୍ ଅଫ୍ ରାଉରକେଲା କୁଇନ୍ସ ପକ୍ଷରୁ ମିଳିତ ଭାବରେ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ରାଉରକେଲା ସହରର ବିଭିନ୍ନ ଅଚଂଳରେ ରିଲିଫ୍ ଏବଂ ସେବା କାର୍ଯ୍ୟ ଜାରି ରଖିଛନ୍ତି। ଏହି ମାନବିକତା ଅଭିଯାନ ଅଧୀନରେ, ଖାଦ୍ୟ, ରାସନ୍, ଛତା, ରେନ୍ କୋଟ, ମ୍ୟାଟ୍, ତକିଆ, କମ୍ବଳ, ପୋଷାକ ଏବଂ ମହମବତୀ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଂଟନ କରି ବର୍ଷା ପ୍ରଭାବିତ ପରିବାରଗୁଡ଼ିକୁ ରିଲିଫ୍ ଏବଂ ସେବା ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ୍ ଅଫ୍ ରାଉରକେଲା କୁଇନ୍ସର ସଭାପତି ଶ୍ରୀମତୀ ଅନିତା ଲାଥ ଓ ତାଙ୍କ ଟିମ୍ ସମେତ ସମାଜସେବୀ ଶ୍ରୀ ବାବା ଗଙ୍ଗାରାମ ସଂସ୍ଥାର ଶ୍ରୀମତୀ ରଶ୍ମି ଖେମାଣୀ ଓ ତାଙ୍କ ଦଳ ସହିତ ବାସନ୍ତୀ କଲୋନୀ କୁମାରପଡ଼ା ସହ ବର୍ଷା ପ୍ରଭାବିତ ଅଚଂଳଗୁଡ଼ିକରେ ପ୍ରଭାବିତ ପରିବାରମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେଠାରେ ପହଂଚି ଥିଲେ। ଏହିସେବା ଅଭିଯାନର ଉଦ୍ଦେଶ୍ୟ ହେଉଛି ଏହି କଠିନତା ସମୟରେ ପ୍ରଭାବିତ ପରିବାରଗୁଡ଼ିକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସମର୍ଥନ ଏବଂ ସହାୟତା ପ୍ରଦାନକରିବା। ସେବା, ସହଯୋଗ ଓ କରୁଣାର ଏହି ମିଳିତ ପ୍ରୟାସ ମାଧ୍ୟମରେ, ପ୍ରକୃତରେ ମାନବତାର ସେବା କରିବାର ପ୍ରତିବଦ୍ଧତା ଜାରିରହିଛି।

## ଦେଶପ୍ରେମର ଭାବାବେଗ ସହିତ ଆରଏସ୍‌ପିରେ ୮୦ତମ ସ୍ୱାଧୀନତା ଦିବସ ପାଳିତ





ରାଉରକେଲା,୧୭/୮(ନି/ପ୍ର):ଦେଶପ୍ରେମ ଓ ଜାତୀୟ ଗର୍ବର ଭାବାବେଗରେ ଅଗଷ୍ଟ ୧୫ ତାରିଖରେ ଇସ୍ପାତ ଷ୍ଟାଡିୟମ ଠାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ଭାରତର ୮୦ତମ ସ୍ୱାଧୀନତା ଦିବସ ମହାଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଥିଲା। ଦିବସ ର କାର୍ଯ୍ୟକ୍ରମ ଜାତୀୟ ବନ୍ଦନା ରୁ ଆରମ୍ଭ ହୋଇଥିଲା। ଏହା ପରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଜାତୀୟ ପତାକା, ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ଏଥି ସହିତ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ଶ୍ରୀ ବର୍ମା ୬୧ଟି କଣ୍ଟିଜେଂଟକୁ ନେଇ ଆୟୋଜିତ ଚିତ୍ତାକର୍ଷକ ପ୍ୟାରେଡ୍ ?ର ନିରୀକ୍ଷଣ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଜ୍ଞାନ ଜ୍ୟୋତି ପବ୍ଲିକ୍ ସ୍କୁଲ୍‌ର ବ୍ୟାଣ୍ଡର ଉତ୍ସାହଜନକ ସୁରର ତାଳେ ମାର୍ଚ୍ଚ ପାଷ୍ଟରେ କଣ୍ଟିଜେଂଟଗୁଡ଼ିକ ଶୃଙ୍ଖଳିତ ଓ ନିଖୁଣ ପଦକ୍ଷେପରେ ଅଗ୍ରସର ହୋଇଥିଲେ। ଏହି ଅବସରରେ ମଂଚରେ ଶ୍ରୀ ବର୍ମାଙ୍କ ସହ ସିଆଇଏସଏଫ ର ଡିଆଇଜି ଶ୍ରୀ ବିଷ୍ଣୁ ସ୍ୱରୂପ ଉପସ୍ଥିତ ଥିଲେ। ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉପସ୍ଥିତ ସମସ୍ତଙ୍କୁ ଜାତୀୟ ସଙ୍ଗୀତ ଏବଂ ଜାତୀୟ ବନ୍ଦନାର ସମୂହ ଗାନରେ ନେତୃତ୍ୱ ଦେଇଥିଲେ। ୮୦ତମ ସ୍ୱାଧୀନତା ଦିବସର ଏହି ଐତିହାସିକ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଶ୍ରୀ ବର୍ମା କହିଥିଲେ, "ଯେତେବେଳେ ଭାରତ ଆଲୋକ ଓ ସ୍ୱାଧୀନତାର ପ୍ରଥମ ସକାଳ ଦେଖିଥିଲା, ସେତେବେଳେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଏକ ଦୃଢ଼ ଭିତିର ଆବଶ୍ୟକତା ଥିଲା। ରାଉରକେଲା ଇସ୍ପାତ କାରଖାନା ସେହି ମହାନ ଜାତୀୟ ସ୍ୱପ୍ନରୁ ଜନ୍ମ । ଆମେ କେବଳ ଏକ ଉତ୍ପାଦନ ୟୁନିଟ୍ ନୁହେଁ; ଆମେ ଏକ ଆତ୍ମନିର୍ଭର ଭାରତର ସ୍ମାରକ।" ଶ୍ରୀ ବର୍ମା ଆରଏସପିର ପରିବର୍ତ୍ତନମୂଳକ ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରାୟ ୩୦,୦୦୦ କୋଟି ଟଙ୍କାର ବୃହତ୍ ଗ୍ରିନ୍‌ଫିଲ୍ଡ ଆଧୁନିକୀକରଣ ଓ ସମ୍ପ୍ରସାରଣ ପ୍ରକଳ୍ପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶ୍ୱ ବଜାରର ଅସ୍ଥିରତା, କଚାଂମାଲର ବଢୁଥିବା ମୂଲ୍ୟ ଏବଂ ତୀବ୍ର ପ୍ରତିଯୋଗିତା ଭଳି ଆହ୍ୱାନ ସତ୍ତ୍ୱେ ପ୍ଲାଂଟ ଶକ୍ତି ଓ ଜଳ ବ୍ୟବହାର ହ୍ରାସ କରିବା ସହ ଇଣ୍ଡଷ୍ଟ୍ରି ୪.୦, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଶପ୍-ଫ୍ଲୋର୍ ଡିଜିଟାଲାଇଜେସନ୍ ଆପଣାଇ ସ୍ଥାୟୀ ବିକାଶ ଦିଗରେ ଦ୍ରୁତଗତିରେ ଅଗ୍ରସର ହେଉଥିବା ସେ କହିଥିଲେ। ଭଗବାନ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ରଥଯାତ୍ରାରୁ ପ୍ରେରଣା ନେଇ ସମସ୍ତଙ୍କୁ ଏକତ୍ରିତ ହୋଇ ଏକ ଦଳ ଭାବେ ଆରଏସପିକୁ ଆଗକୁ ନେବାକୁ ସେ ଆହ୍ୱାନ ଜଣାଇଥିଲେ। ଯେପରି ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହୋଇ ମହାପ୍ରଭୁଙ୍କ ରଥ ଟାଣିଥାନ୍ତି, ସେହିପରି ଆରଏସପି ପରିବାର ଏକତାର ସହ ଆଗେଇବାକୁ ସେ ଆହ୍ୱାନ ଦେଇଥିଲେ। ଆରଏସପି ପରିବାରକୁ ଉତ୍ସାହିତ କରି ଭାରପ୍ରାପ୍ତ ନିର୍ଦ୍ଦେଶକ କହିଥିଲେ ଯେ, ସମ୍ଭାବନା ସମ୍ପର୍କରେ ଚିନ୍ତାଧାରାକୁ ପରିବର୍ତ୍ତନ କରି 'ଜିରୋ ହାର୍ମ', 'ଜିରୋ ୱେଷ୍ଟ' ଏବଂ ରେକର୍ଡ ଭଙ୍ଗକାରୀ ଦକ୍ଷତା ଭଳି ଅସମ୍ଭବ ଲାଗୁଥିବା ଲକ୍ଷ୍ୟ ହାସଲ କରିବାକୁ ହେବ। ଏକ ଅଧିକ ସଶକ୍ତ ଆରଏସପି ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ଶ୍ରୀ ବର୍ମା ସିଆଇଏସଏଫ କର୍ମଚାରୀମାନଙ୍କର ଉତ୍କୃଷ୍ଟ ସେବା ପାଇଁ ସେମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ଆରଏସପି ଅଗ୍ନିଶମ ବାହିନୀ ଦଳକୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ମୋଟିଭେସନାଲ୍ ଆୱାର୍ଡ ସ୍କିମ୍ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ପ୍ୟାରେଡ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀ କଣ୍ଟିଜେଂଟଗୁଡ଼ିକୁ ମଧ୍ୟ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଏମ.ଡି –ସି.ଏମ.ଏଲ.ଓ) ଶ୍ରୀ ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ(କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଳାଇ, ନିର୍ବାହୀ ନିର୍ଦ୍ଦେଶକ (ଏମ୍.ଏମ୍.) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ୍. ପି. ସିଂହ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ସୁଦୀପ ପାଲ ଚୌଧୁରୀ, ନିର୍ବାହୀ ନିର୍ଦ୍ଦେଶକ (ବିତ) ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ସି ଜି ଏମ (ବିତ) ଶ୍ରୀ ରାଜେଶ ଦାସଗୁପ୍ତା, ସି.ଏମ୍.ଓ. ଭାରପ୍ରାପ୍ତ (ଏମ ଆଣ୍ଡ ଏଚ.ଏସ) ଡାକ୍ତର ଜେ. କେ. ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ସମସ୍ତ ଉପ-ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡାକ୍ତର (ଶ୍ରୀମତୀ) ପ୍ରତିଜ୍ଞା ପଳାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ନବନୀତା ପାଲଚୌଧୁରୀଙ୍କ ସମେତ ପ୍ଲାଂଟର ବହୁ ବରିଷ୍ଠ ଅଧିକାରୀ, ଟ୍ରେଡ୍ ୟୁନିଅନ୍ ଓ ଏକ୍ଜିକ୍ୟୁଟିଭ୍ ଆସୋସିଏସନ୍‌ର ପ୍ରତିନିଧି ଏବଂ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ। ସିଲିକନ୍ ଷ୍ଟିଲ୍ ମିଲ୍‌ର ଶ୍ରୀ ଅନିଲ କୁମାର ମଲ୍ଲିକ ଏବଂ ଶ୍ରୀମତୀ ଆକାଙ୍କ୍ଷା ମଲ୍ଲିକ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏକ ଅନୁରୂପ କାର୍ଯ୍ୟକ୍ରମ ସେକ୍ଟର–୨୨ସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା।

## ୮୦ତମ ସ୍ୱାଧୀନତା ଦିବସରେ ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଂଟନ



ରାଉରକେଲା,୧୭/୮(ନି/ପ୍ର): ୮୦ ତମ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ସମାଜସେବୀ ବିପିନ ବିହାରୀ ପଟ୍ଟନାୟକ ଓ ସାମ୍ବାଦିକ ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଛି । ପବିତ୍ର ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଆରଜିଏଚରେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଫଳ ବଂଟନ କରିବା ସହ ସମସ୍ତ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଡାକ୍ତଖାନାର ଅଧୀକ୍ଷକ ଡା. ଆନନ୍ଦ ଗୋପାଳ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୀମା ଫତିମା ଏକ୍କା, ଡାକ୍ତଖାନାର ସହ ଅଧୀକ୍ଷକ ଡା. ପଣ୍ଡିତ ସାହୁ ପ୍ରମୁଖ ଉପସ୍ଥିତ ରହି ରୋଗୀ ମାନଙ୍କୁ ଫଳ ବଂଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସୁଶ୍ରୀ ଦୀନା ଦସ୍ତଗୀର ଡାକ୍ତରଙ୍କ ସହ ହସ୍ପିଟାଲର ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ରୋଗୀଙ୍କୁ ଫଳ ବଂଟନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଡାକ୍ତରଖାନାର ମ୍ୟାନେଜର ପ୍ରାଣତୋଷ ମଣ୍ଡଳ, ସହଯୋଗୀ ଶ୍ରୀବତ୍ସ କୁମାର ରଥ ଓ ଅନ୍ୟାନ୍ୟ କର୍ମଚାରୀ, ସମାଜସେବୀ ଅନିରୁଦ୍ଧ ସ୍ୱାଇଁ ଓ ପି.କେ.ମଣ୍ଡଳ, ସାମ୍ବାଦିକ ବସନ୍ତ କୁମାର ଜେନା, ଯୁବ ସଂଗଠକ ଅବିନାଶ ପୁହାଣ, ହିମାଂଶୁ ପ୍ରଜାପତି, ଅମୀୟ ମହାରାଣା, ଯୁବ ସଂଗଠକ ଅସିତ କୁମାର ମହାନ୍ତି, ଆପେଲା ସ୍ୱାମୀ, ହରଷ ରାଓ ପ୍ରମୁଖ ସହଯୋଗ କରିଥିଲେ ।

## ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ପ୍ରାଇଡ୍‌ର ରିଲିଫ୍ ଏବଂ ସେବା ଅଭିଯାନ

ରାଉରକେଲା,୧୭/୮(ନି/ପ୍ର): ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ପ୍ରାଇଡ୍ ପକ୍ଷରୁ ରାଉରକେଲାସ୍ଥିତ ହରିପୁର ବସ୍ତି, ରେଳଷ୍ଟେସନ୍/ରେଳ ଲାଇନ୍ ନିକଟ, ବାସନ୍ତୀ କଲୋନୀରେ ପ୍ରବଳ ବର୍ଷା ଓ ଜଳବନ୍ଦୀ ଯୋଗୁଁ ଅତ୍ୟନ୍ତ ପ୍ରଭାବିତ ପରିବାରଗୁଡ଼ିକ ପାଇଁ ଏକ ରିଲିଫ୍ ଏବଂ ସେବା ଅଭିଯାନର ଆୟୋଜନ କରାଯାଇଥିଲା। ଏହି ଅଭିଯାନ ସମୟରେ କ୍ଲବ୍‌ର ସଦସ୍ୟମାନେ ପ୍ରଭାବିତ ବସ୍ତିପରିଦର୍ଶନ କରିଥିଲେ। ଏଠାରେ ଅନେକ ପରିବାର କଠିନ ପରିସ୍ଥିତି ଦେଇ ଗତି କରୁଥିଲେ ଏବଂ ସେମାନଙ୍କୁ ଜରୁରୀ ଜିନିଷପତ୍ରର ପ୍ରବଳ ଅଭାବର ସମ୍ମୁଖୀନ ହେବାକୁ ପଡୁଥିଲା। ରିଲିଫ୍ କାର୍ଯ୍ୟକ୍ରମ ଅଧୀନରେ କ୍ଲବ୍ ଦ୍ୱାରା ପ୍ରଭାବିତ ଏବଂ ଆବଶ୍ୟକତା ଥିବା ୧୦୦ଟି ପରିବାରକୁ ଚଟାଇ, କମ୍ବଳ ଏବଂ ଛତା ବଂଟନ କରାଯାଇଥିଲା। ଦଳର ସଦସ୍ୟମାନେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ସିଧାସଳଖ ଆଲୋଚନା କରି ସେମାନଙ୍କର ତାତ୍କାଳିକ ଆବଶ୍ୟକତାଗୁଡ଼ିକୁ ବୁଝିଥିଲେ। ପରିସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା। ଜଳବନ୍ଦୀ ସମସ୍ୟା, ନଷ୍ଟ ହୋଇଯାଇଥିବା ଜିନିଷପତ୍ର ଏବଂ ମୌଳିକ ସୁବିଧାର ଅଭାବ ଯୋଗୁଁ ଅନେକ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ପଦକ୍ଷେପ ମାଧ୍ୟମରେ ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ପ୍ରାଇଡ୍‌ର ମୂଳ ଉଦ୍ଦେଶ୍ୟ ଥିଲା ଏହି ବିପଦ ସମୟରେ ପରିବାରଗୁଡ଼ିକୁ ତ୍ୱରିତ ରିଲିଫ୍, ସାନ୍ତ୍ୱନା ଏବଂ ସହଯୋଗ ଯାଇଗାଇବା। ଏଥିସହିତ କ୍ଲବ୍ 'ଝରକ୍ୱଙ୍ଖସମର ଇଭକ୍ଷଙ୍ଖର ଝରକ୍ଷଲ - ସେବା ହିଁ ସର୍ବୋପରି' ଆଦର୍ଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଥିଲା। ରୋଟାରିଆନ୍ନିଗମ ଅଗ୍ରୱାଲ – ସଭାପତି, ରୋଟାରିଆନ୍ ବିଶ୍ୱନାଥ ଦେ – ସଚିବ, ରୋଟାରିଆନ୍ ରାଜେଶ ଗୁପ୍ତା – ସହ-ସଚିବ, ବାସନ୍ତୀ କଲୋନୀର ସମାଜସେବୀ - ମିଟୁ ବେଉରିଆ ଏବଂ ବୁଟୁ, ବସ୍ତିର କର୍ମକର୍ତ୍ତା - ରବି ଜେନା ଏବଂ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

## ପ୍ରଖର ଜଳ ସ୍ରୋତରେ ଭାସିଗଲେ ଅବସର ପ୍ରାପ୍ତ ଜୱାନ ନିଖୋଜ



ରାଜଗାଙ୍ଗପୁର,୧୭/୮ (ନି/ପ୍ର): ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ କେଶର୍ମାଲ ଗ୍ରାମ ନିକଟ ନଦୀରେ ଜଳ ସ୍ରୋତ ଗତ କାଲି ସନ୍ଧ୍ୟା ରେ ଅବସର ପ୍ରାପ୍ତ ବୀର ଯବାନ ନିଜ ବୁଲେଟ ମଟର ସାଇକେଲ ରେ ଗ୍ରାମ କୁ ଯିବା ସମୟରେ କେଶର୍ମାଲ ପଚାଂୟତ ନିକଟ ନଦୀର ଜଳ ସ୍ରୋତ ରେ ଜଣେ ଅବସରପ୍ରାପ୍ତ ଜୱାନ ଭାସିଯାଇ ନିଖୋଜ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ କେଶରା ମାଳ ପଚାଂୟତର ଗରିଆମାଳ ଗ୍ରାମର ଅବସର ପ୍ରାପ୍ତ ବୀର ଯବାନ ସୁନୀଲ ତିଗା(୪୬)ଅବସର ଗ୍ରହଣ କରିବା ପରେ ନିକଟସ୍ଥ ବିଭିନ୍ନ ଗ୍ରାମାଚଂଳରେ ହକି ଖେଳିବା ପ୍ରଶିକ୍ଷଣ ଦେବା ସହ ସାମାଜିକ କାର୍ଯ୍ୟକ୍ରମ କରି ଆସୁଥିଲେ। ଗତ କାଲି ସ୍ୱାଧୀନତା ଦିବସ ଉପଲକ୍ଷେ ରମ୍ଭାହଳ ଠାରେ ହକି ଖେଳ ପ୍ରତିଯୋଗିତା ଦେଖିବା ସହ ତାଙ୍କୁ ସମ୍ମାନୀତ କରିବା ପାଇଁ ଆମନ୍ତ୍ରଣ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶେଷ କରି ନିଜ ଗ୍ରାମକୁ ଓ ଡି ୧୪-ଏଏ-୮୬୦୮ ବୁଲେଟ ମଟର ସାଇକେଲ ରେ ଘରକୁ ଫେରୁଥିବା ବେଳେ କେଶରା ମାଳ ଗ୍ରାମ ନିକଟ ପୋଲ ଉପରେ ଜଳ ସ୍ରୋତ ର ଅନୁମାନ କରି ପରି ନଥିଲେ ଓ ସେହି ପୋଲ ମଝିରେ ଖାଲ ମଧ୍ୟ ରହିଛି ଯାହା ଫଳରେ ନିୟନ୍ତ୍ରଣ ହରାଇ ନଦୀ ଗର୍ଭର ରେ ମଟର ସାଇକେଲ ସହ ପଡି ଯାଇଥିଲେ କିଛି ଦୂର ନଦୀ ଜଳସ୍ରୋତ ରେ ପହଁଚ୍ଚି ଚେଷ୍ଟା କରି ଥିଲେ କିନ୍ତୁ ମୁଣ୍ଡରେ ହେଲମେଟଂ ଗୋଡ଼ରେ ଜୋତା ଯୋଗୁ ତାଙ୍କ ଚେଷ୍ଟା ବିଫଳ ହେଇଯାଇଥିଲା ଜଳ ସ୍ରୋତ ଏପରି ପ୍ରଖର ଥିଲା ଯେ କି ତାର ମୁକାବିଲା ନ କରି ଜଳ ସ୍ରୋତ ରେ ଭାସି ଯାଇ ନିଖୋଜ ହୋଇ ଯାଇଥିଲେ। ୧୪-ଏଏ-୮୬୦୮ ବୁଲେଟ ମଟର ଟିକୁ ଉଦ୍ଧାର କରିନେଇଛି କିନ୍ତୁ ଗତ ସନ୍ଧ୍ୟା ଠାରୁ ଘଟଣା ସ୍ଥଳରେ ଦମକଳ ବାହିନୀ ସ୍ଥାନୀୟ ଜନସାଧାରଣ ସ୍ଥାନୀୟ ପୋଲିସ ଉଦ୍ଧାର କାର୍ଯ୍ୟ ରେ ନିୟୋଜିତ ହୋଇ ଜାୱାନଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରହିଥିବା ଜଣାପଡିଛି।